# ଅଦିନିଆ ବର୍ଷାରେ ନଷ୍ଟହେଲା ଧଳାସୁନା

## ଉଜୁଡ଼ା କପାକୁ ନେଇ ହତାଶ ଚାଷୀ

ଭବାନୀପାଟଣା,୨୩।୧୨(ଉତ୍ତମ କୁମାର ଦାଶ)

ଚାଷ ଓ ଚାଷୀଙ୍କୁ ନେଇ ପରିଚିତ କଳାହାଣ୍ଡି ଜିଲା। ଧାନ ସହିତ କପା ଓ ଡାଲି ଜାତୀୟ ଶସ୍ୟ, ମାଣ୍ଡିଆ, ଗୁର୍ଜି ଭଳି ବିଭିନ୍ନ ଚାଷକୁ ନେଇ ବିଶ୍ୱଦରବାରରେ ନିଜର ସ୍ୱତନ୍ତ୍ର ପରିଚୟ ପାଇଛି କଳାହାଣ୍ଡି। ଧାନ ଉତ୍ପାଦନରେ ଦ୍ୱିତୀୟ ସ୍ଥାନ ଗ୍ରହଣ କରିଥିବା ବେଳେ ଜିଲାର ଧଳା ସୁନା କୁହାଯାଉଥିବା କପା ଉତ୍ପାଦନରେ ସବୁଠୁ ଅଗ୍ରଣୀ ଜିଲା ଭାବେ ପରିଚୟ ପାରି ପାରିଛି। ହେଲେ ପାଣିପାଗ ଚାଷୀଙ୍କ ମୁଣ୍ଡରେ ଚଡକ ପକାଇ ଦେଇଛି। ଗତ କିଛି ଦିନ ତଳେ କଳାହାଣ୍ଡି ଜିଲାରେ ଲଘୁଚାପ ଜନିତ ଅଦିନିଆ ବର୍ଷା ହୋଇଥିଲା। ଫଳରେ ଜିଲାରେ କପା ଚାଷ ନଷ୍ଟ ହୋଇଥିବା ଅଭିଯୋଗ ହୋଇଛି। ଅଦିନିଆ ବର୍ଷରେ ଭବାନୀପାଟଣା ବ୍ଲକ ଅନ୍ତର୍ଗତ ଛେଳିଆମାଲ ଗାଁର କପା ଚାଷ ଜମିର ଅବସ୍ଥା ବେହାଲ ହୋଇଯାଇଛି।


ଅଦିନିଆ ବର୍ଷରେ କପା ନଷ୍ଟ ହୋଇଛି।

ସ୍ୱଳ୍ପ ବର୍ଷା ଫଳରେ କେଉଁଠି କପା ଗଛ ଭାଙ୍ଗି ଯାଇଛି ତ ପୁଣି ଆଉ କେଉଁଠି ଅମଳ ହେବ କପା କଳା ପଡ଼ି ନଷ୍ଟ ହୋଇଯାଇଛି। ଆଉ କେଉଁ କେଉଁଠି ସମ୍ପୂର୍ଣ୍ଣ କପା ପୋଡ଼ି ଯାଇଥିବା ଦେଖିବାକୁ ମିଳିଛି। ଫଳରେ ଧାର କରଜ କରି ଚାଷ କରିଥିବା ଚାଷୀ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି। ଗୋଟିଏପଟେ କପା ମଣ୍ଡି ଖୋଲାଯାଇଥିବା ବେଳେ ଅନ୍ୟପଟେ କପା ସବୁ ନଷ୍ଟ ହୋଇଛି। ଆଉ ଯାହା କିଛି ବଞ୍ଚି ଯାଇଛି ସେହି କପାକୁ ଦଲାଲ କମ ଦରରେ ନେଇ ଯାଉଥିବା ଅଭିଯୋଗ କରିଛନ୍ତି ଚାଷୀ। ଅନ୍ୟପଟେ କପାକୁ କଳାହାଣ୍ଡି ଜିଲାର ଧଳା ସୁନା କୁହାଯାଉଥିବା ବେଳେ ଦ୍ୱିତୀୟ ଅର୍ଥକାରୀ ଫସଲ ଭାବେ ମଧ୍ୟ ଗ୍ରହଣ କରାଯାଉଛି। ହେଲେ କୋହଲା ପାଗ ସହ ଅଦିନିଆ ବର୍ଷା ଚାଷୀଙ୍କ ପାଇଁ ଦାଉ ସାଧୁଛି। ଅମଳ ସମୟରେ ଏଭଳି ପରିସ୍ଥିତି ଚାଷୀକୁ ଚିନ୍ତାରେ ପକାଇ ଦେଇଛି। କପା ଏକ ଅର୍ଥକାରୀ ଫସଲ ହୋଇଥିବା ବେଳେ କପା ଚାଷ କରି ଲାଭବାନ ହେବ ବୋଲି ଚାଷୀ ଆଶା କରିଥିଲେ। ହେଲେ ଅଦିନିଆ ମେଘ ଚାଷୀଙ୍କ ଆଶାକୁ ଦୋଇନେଇଛି। ଚାଷୀମାନଙ୍କ ବ୍ୟାପତ କ୍ଷତି ହୋଇଥିବା ବେଳେ ସରକାରୀ ସହାୟତା ଅପେକ୍ଷା ଜିଲାର କ୍ଷତିଗ୍ରସ୍ତ କପା ଚାଷୀ।

## ସଂକ୍ଷେପରେ

### ଜଟଗଡ଼ରେ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ପାଳିତ



ନୂଆପଡ଼ା,୨୩।୧୨(ମକାରୁ ବେମାଲ)

ନୂଆପଡା ଜିଲା କୋମନା ବ୍ଲକ ଜଟଗଡର ବଟବୃକ୍ଷଠାରେ ପ୍ରଭୁ ରାଧାକୃଷ୍ଣଙ୍କ ବ୍ୟଞ୍ଜନ ଦ୍ୱାଦଶୀ ପୂଜା ପାଳିତ ହୋଇଯାଇଛି। ଏହି ପୂଜାରେ ପ୍ରଭୁଙ୍କ ଠାରେ ବିଭିନ୍ନ ପ୍ରକାର ବ୍ୟଞ୍ଜନ, ମିଠା ଓ ପିଠା ୧୫୬ ପ୍ରକାର ଭୋଗ ଲାଗି ହୋଇଥାଏ। ପ୍ରଥମେ ବାବା ଭଗବତ ଚରଣ ଦାସ ଏହି ବ୍ୟଞ୍ଜନ ଦ୍ୱାଦଶୀ ପୂଜା ଆରମ୍ଭ କରିଥିବା ବେଳେ ଦୀର୍ଘ ୧୫ ବର୍ଷ ହେବ ଆୟୋଜିତ ହୋଇଆସୁଛି। ପ୍ରଭୁଙ୍କ ପୂଜାରେ ସାମିଲ ହେବା ପାଇଁ ଅଞ୍ଚଳର ଶହ ଶହ ସଂଖ୍ୟାରେ ଆସିଥିଲେ। ଗାଁରେ ଭକ୍ତଙ୍କ ଦ୍ୱାରା ସଙ୍କୀର୍ତ୍ତନ, ଘଣ୍ଟ, ଶଙ୍ଖ ଓ ହୁଳହୁଳିରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଯାଇଥିଲା। ପୂଜକ ଭାବେ ଗଜପତି ବନଛୋରଙ୍କ ଦାରା ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଖଗେଶ୍ୱର ପ୍ରଧାନ, ଶିବ ବନଛୋର, ଜୟବଳ ନାଗ, ଶଙ୍କର ବନଛୋର, ପ୍ରଭାତ ପ୍ରଧାନ, ପଦ୍ମନ ପ୍ରଧାନ, ଧ୍ରୁବ ବାଗ, ପବିତ୍ର ପ୍ରଧାନ, ଭୁବନେଶ୍ୱର ବନଛୋର, କେଶବ ବନଛୋର, ମଧୁସୂଦନ ବନଛୋର, କେଶବ ଚିନାଗୁନ, ଘନଶ୍ୟାମ ପ୍ରଧାନ, ଶରତଚନ୍ଦ୍ର ପ୍ରଧାନ, ପିତମନ ବେମାଲ, ଉଆଁସୁ ଖର୍ସେଲ ପ୍ରମୁଖ ସହଯୋଗ କରିଥିଲେ।

### ଖଡ଼ିଆଳ ପବ୍ଲିକ ସ୍କୁଲର ୩୨ତମ ବାର୍ଷିକ ଉତ୍ସବ

ଖଡ଼ିଆଳ,୨୩।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡ଼ା ଜିଲା ଖଡ଼ିଆଳ ପବ୍ଲିକ ସ୍କୁଲର ୩୨ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ କଳାହାଣ୍ଡି ବିଶ୍ୱ ବିଦ୍ୟାଳୟ କୁଳପତି ଡ.ସଞ୍ଜୟ ଶତପଥୀ ଯୋଗଦେଇ ଶିକ୍ଷା ଓ ଅଧ୍ୟୟନ ଉତ୍ତମ ନାଗରିକ ଗଠନରେ ସହାୟକ ହୁଏ ବୋଲି ମତବ୍ୟକ୍ତ କରିଛନ୍ତି। ମୁଖ୍ୟବ୍ୟକ୍ତା ରୂପେ କେସିଙ୍ଗା କଲେଜ ଅଧକ୍ଷ ଯୋଗଦେଇ ଯୁବ ପିଢ଼ି ଗୁଗଲ କିମ୍ବା ଅନ୍ୟ ଦ୍ୱାରା ତଥ୍ୟକୁ ସତ୍ୟ ଗ୍ରହଣ କରିବା ବଦଳରେ ବହି ପଢିବାକୁ ଆହ୍ୱାନ କରିଥିଲେ। ସ୍କୁଲ ଅଧକ୍ଷ ଏସ ଶ୍ରୀନିବାସ ଅଧକ୍ଷତା କରିଥିବା ବେଳେ ପରିଚାଳନା କମିଟି ଅଧକ୍ଷ ଡ଼ ଫଣିନ୍ଦମ ଦେଓ, ଉପସଭାପତି ବିନୋଦ କୁମାର ଅଗ୍ରୱାଲ ଏବଂ ସମ୍ପାଦକ ସୁନିଲ କୁମାର ପ୍ରଧାନ ମଞ୍ଚାସୀନ ଥିଲେ। ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବଣ୍ଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ ରଙ୍ଗାରଙ୍ଗ କାର୍ଯ୍ୟକ୍ରମରେ ସ୍କୁଲ ପରିବେଶ ଉତ୍ସବ ମୁଖରିତ ହୋଇଥିଲା। ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, ପରିଚାଳନା ସଦସ୍ୟ, ଅଭିଭାବକ ଏବଂ ଛାତ୍ରୀଛାତ୍ରମାନେ ଯୋଗଦେଇଥିଲେ।

### ରେଡ୍‌କ୍ରସ୍ ପକ୍ଷରୁ ରିଲିଫ୍ ସାମଗ୍ରୀ ବଣ୍ଟନ

ଥୁଆମୂଳ ରାମପୁର,୨୩।୧୨(ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ତଳଝାପିଠାରେ ଭାରତୀୟ ରେଡକ୍ରସ ଶୋସାଇଟି ପକ୍ଷରୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମରେ ତଳଝାପି, ଉପରଝାପି, ଝାପିଗୁଡ଼ା, ବିଷମଗିରି, ରାଣିପଦର, ନିକେଷଜୋର ଓ ଲାଞ୍ଜିଗଡ଼ ଗ୍ରାମର ୫୦୦ରୁ ଉର୍ଦ୍ଧ୍ୱ ଗରିବ, ଅସହାୟ, ବୃଦ୍ଧାବୃଦ୍ଧ, ବିଧବାମାନଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସ୍ଥାନୀୟ ବିଧାୟକ ପ୍ରଦୀପ କୁମାର ଦିଶାରି ମୁଖ୍ୟଅତିଥି ଭାବେ ଯୋଗଦେଇ ଅତ୍ୟନ୍ତ ଦୁର୍ଗମ ଅଞ୍ଚଳରେ ରେଡକ୍ରସର ଏଭଳି କାର୍ଯ୍ୟକ୍ରମ ସ୍ୱାଗତଯୋଗ୍ୟ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶୋଭା ସିଂ ମାଝି, ସମିତି ସଭ୍ୟା ଶାନ୍ତି ମାଝି, ବିଜେଡି ନେତା ମାଣିକ୍ୟ ଚନ୍ଦ୍ର ନାଏକ, ଯୁବ ସଙ୍ଗଠକ ସଞ୍ଜୀବ କୁମାର ଠାକୁର, ଯୁବ ରେଡକ୍ରସ କାଉନସିଲର ସରୋଜ କୁମାର ପଡ଼ଯୋଶୀ, ଜୁନିୟର ରେଡକ୍ରସ କାଉନସିଲର ସୁଦାମ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଏମ.ଏମ.ପି.ଏସ କଲେଜ ଅଧ୍ୟାପକ ଉଦ୍ଧବ ବାରିକ, ବନବିହାରୀ ପଣ୍ଡା, ଶିକ୍ଷକ ବିଜୟ କୁମାର ସାହୁ, ରେଡକ୍ରସ ସ୍ୱେଚ୍ଛାସେବୀ ସୂର୍ଯ୍ୟନାରାୟଣ ନାଏକ, ଗୋବିନ୍ଦ ବାଗ, କୃଷ୍ଣ ମାଝି, ରାମଚନ୍ଦ୍ର ନାଏକ ପ୍ରମୁଖ ଅଂଶଗ୍ରହଣ କରିଥିଲେ। ମୂରଲୀଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶ ଶିକ୍ଷାନୁଷ୍ଠାନରେ ଗଣିତ ଦିବସ ପାଳିତ


ବିକାଶ ଶିକ୍ଷାନୁଷ୍ଠାନରେ ନ୍ୟାଶନାଲ ମେଥମେଟିକ୍ସ ଡେ' ପାଳିତ।

ଭବାନୀପାଟଣା,୨୩।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ବିକାଶ ଶିକ୍ଷାନୁଷ୍ଠାନର ସିଏଚଏସଇ ଓ ସିବିଏସଇ ବିଭାଗର ମିଳିତ ଆନୁକୂଲ୍ୟରେ ଶ୍ରୀନିବାସ ରାମାନୁଜନଙ୍କ ଜନ୍ମ ଦିବସ ଉପଲକ୍ଷେ ଜାତୀୟ ଗଣିତ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନ ନିର୍ଦ୍ଦେଶକ ଡି.ଶ୍ୟାମ, ଏକାଡେମୀକ ଇନଚାର୍ଜ ଡି.ବିଜୟା, ବିକାଶ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଯୁବରାଜ ନାୟକ, ବିକାଶ ଆବାସିକ ବିଦ୍ୟାଳୟ ଅଧ୍ୟକ୍ଷା ସୁଶ୍ରୀ ଆରତୀ ମିଶ୍ର ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଅତିଥିଗଣ ତାଙ୍କ ଅଭିଭାଷଣରେ ଶ୍ରୀନିବାସ ରାମାନୁଜନଙ୍କ ଜୀବନୀ, ତାଙ୍କ ଅବଦାନ ତଥା ଜାତୀୟ ଗଣିତ ଦିବସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ଅବଗତ କରାଇଥିଲେ। ବିଦ୍ୟାର୍ଥୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଗଣିତ ଅଧ୍ୟାପକ ଭି. ଟି.ରାଓ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସମସ୍ତ ଗଣିତ ବିଭାଗ ଶିକ୍ଷକଙ୍କ ବିଶିଷ୍ଟ ଭୂମିକା ରହିଥିଲା।

# ମାଣିକେଶ୍ୱରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ


ଉଦ୍‌ଯାପନୀ ସମାରୋହରେ ଯୋଗଦେଇଥିବା ଅତିଥି, ଶିକ୍ଷକ।

ଭବାନୀପାଟଣା,୨୩।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ମାଣିକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୫୫ତମ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି। ସ୍ଥାନୀୟ ଲାଲ ବାହାଦୂର ଶାସ୍ତ୍ରୀ ଷ୍ଟାଡିୟମରେ ୨୦ ଓ ୨୧ ତାରିଖ ଏହା ଅନୁଷ୍ଠିତ ହୋଇଥିଲା। ଉଦ୍‌ଘାଟନୀ ଉତ୍ସବରେ ଓଡିଶା ଅଲମ୍ପିକ ଆସୋସିଏଶନ ସଭାପତି ତଥା କଳାହାଣ୍ଡି ଜିଲା କ୍ରୀଡ଼ା ସଂସ୍ଥାର ସାଧାରଣ ସମ୍ପାଦକ ଜଗମୋହନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଉତ୍ସବ ଉଦଘାଟନ କରିଥିଲେ। ଛାତ୍ରୀଛାତ୍ରଙ୍କ ପରେଡ ଅଭିବାଦନ ପରେ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ରବି ପ୍ରସାଦ କାନୁନଗୋଙ୍କ ଅଧ୍ୟକ୍ଷତାରେ ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ତଥା ବିଦ୍ୟାଳୟ ପୁରାତନ ଛାତ୍ର ତନ୍ମୟ କୁମାର ଦରୱାନ, ସମ୍ମାନିତ ଅତିଥି ଭାବେ ପୂର୍ବତନ ଜିଲା ଶାରୀରିକ ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ବିଭୂତି ଭୂଷଣ ଠାକୁର ମଞ୍ଚ ପରିଚାଳନା କରିଥିବାବେଳେ କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର କୁମାର ରଥ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବିଦ୍ୟାଳୟ ପୁରାତନ ଛାତ୍ର ଓ ଅବସରପ୍ରାପ୍ତ ଶିକ୍ଷକ ଅଂଶଗ୍ରହଣ କରି ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ। କ୍ରୀଡ଼ା ଉତ୍ସବକୁ ଆକର୍ଷଣ କରିବା ପାଇଁ ଶିକ୍ଷକ ରାଜୁ କୁମାର ସାହୁ, ଦେବୀ ପ୍ରସାଦ ଆଚାରୀ, ଦିଲୀପ କୁମାର ଦାଶ, ହୃଦୟ ରଞ୍ଜନ ଜଗଦଲା, ଉଦିତ ପ୍ରତାପ ସିଂ, ଶିକ୍ଷୟିତ୍ରୀ ଗୀତାଞ୍ଜଳୀ ତ୍ରିପାଠୀ, ପ୍ରଣତୀ ମହାପାତ୍ର, ପ୍ରତିଭା ସାହୁ, ମିନତୀ ଦାଶ, ତମସା ମହାପାତ୍ର, ସସ୍ମିତା ପ୍ରଧାନ, ସୁଦିପ୍ତା ଦାଶ, ଆନନ୍ଦିନୀ ଠାକୁର, ନିରୁପମା ମଲ୍ଲିକ, ହେମା ସାଥୁଆ ପ୍ରମୁଖ ସହଯୋଗ କରିଥିଲେ। ବିଦ୍ୟାଳୟ ବରିଷ୍ଠ ଶିକ୍ଷକ ପ୍ରମୋଦ କୁମାର ପଣ୍ଡା ଧନ୍ୟବାଦ ଦେଇଥିଲେ।

# ରିଷିଡ଼ାରେ କୁରାଳ ପଞ୍ଚମୀ ପୂଜା ଉଦ୍‌ଯାପିତ

କର୍ଲାମୁଣ୍ଡା,୨୩।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଷିଡାଠାରେ ଗ୍ରାମ୍ୟ କୁରାଳ ସମାଜ ପକ୍ଷରୁ କୁରାଳ ପଞ୍ଚମୀ ପୂଜା ଉଦଯାପିତ ହୋଇଯାଇଛି। ରିଷିଡା ସରପଞ୍ଚ ସେବତୀ ରଣା ଜାତିର ପତାକା ଉତ୍ତୋଳନ କରିଥିଲେ। ସମାଜ ସଭାପତି ଦିଲୀପ କୁମାର ରଣାଙ୍କ ସଭାପତିତ୍ୱରେ ସାନ୍ଧ୍ୟାରେ ଆୟୋଜିତ ମଞ୍ଚ କାର୍ଯ୍ୟକ୍ରମରେ ରାଜ୍ୟ କୁମ୍ଭାର ଯୁବା ମଞ୍ଚ ସଭାପତି ତଥା କଳାହାଣ୍ଡି ଜିଲା ସରପଞ୍ଚ ସଂଘ ସଭାପତି ସୁବୋଧ କୁମାର ରଣା ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ବ୍ଲକ କୁରାଳ ସମାଜ ସଭାପତି ମୁରଲୀଧର ରଣା, ସମ୍ପାଦକ ଗୌରକିଶୋର ରଣା, ରିଷିଡା ସରପଞ୍ଚ ସେବତୀ ରଣା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। ରିଷିଡାକୁରାଳ ସମାଜ ସମ୍ପାଦକ ଜଗମୋହନ ରଣା ବିବରଣୀ ପାଠ ଓ ଗଙ୍ଗାଧର ରଣା ମଞ୍ଚ ପରିଚାଳନା କରିଥିଲେ। ଏହି ଉପଲକ୍ଷେ ପୁଚି ଖେଳ, ଚୌକିବସା, ହୁଳହୁଳି, ହଳିଆ ଗୀତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦଶମ, ଦ୍ୱାଦଶ, ସ୍ନାତକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା। ବିଶିଷ୍ଟ ମୂର୍ତ୍ତି କଳାକାର ସଞ୍ଜୟ ରଣାଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ନନ୍ଦକିଶୋର ରଣା (କ), ନନ୍ଦକିଶୋର ରଣା (ଖ), ସୀତାରାମ ରଣା, ପୀତବାସ ରଣା, ଅନାଦି ରଣା, ମିଥୁନ ରଣା, କମଳ ରଣା, କିଶୋର ରଣା, ଦିଲିପ ରଣା ସହଯୋଗ କରିଥିଲେ। ପୂଜାକାର୍ଯ୍ୟ ମଧୁସୂଦନ ଦାସ ସମ୍ପାଦନ କରିଥିଲେ। ଏହି ଉପଲକ୍ଷେ ଡ୍ୟାନ୍ସ ଧମାକା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ମହାମାୟା ଯୁକ୍ତ ୨ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡ଼ା

ଖଡ଼ିଆଳ,୨୩।୧୨(ସୁଜିତ୍ କୁମାର ପ୍ରଧାନ)

ନୂଆପଡା ଜିଲା ଖଡ଼ିଆଳସ୍ଥିତ ମହାମାୟା ଯୁକ୍ତ ୨ ପବ୍ଲିକ ସ୍କୁଲର ବାର୍ଷିକ କ୍ରୀଡା ଉଦ୍‌ଘାଟିତ ହୋଇଯାଇଛି। ପ୍ରିନ୍ସିପାଲ ସୁନୀତା ତିୱାରୀ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ଖଡ଼ିଆଳ ସ୍ୱୟଂ ଶାଶିତ ମହାବିଦ୍ୟାଳୟ ପ୍ରାଧ୍ୟାପକ ରାଜନୀତି ବିଜ୍ଞାନ ଡ. ପଦ୍ମଲୋଚନ ବର୍ମା, ସମ୍ମାନିତ ଅତିଥି ଭାବେ ସ୍ୱୟଂ ଶାଶିତ ମହାବିଦ୍ୟାଳୟ କ୍ରୀଡା ଶିକ୍ଷକ ଡ. ସରୋଜ କୁମାର ପଣ୍ଡା, ପରମେଶ୍ୱର ବାରିକ ଯୋଗଦେଇ ଖେଳ ଦ୍ୱାରା ଛାତ୍ରୀଛାତ୍ରଙ୍କ ମାନସିକ, ଶାରୀରିକ ଅଭିବୃଦ୍ଧି ହେବା ସହିତ ସ୍ୱାସ୍ଥ୍ୟ ସୁସ୍ଥ ରହିଥାଏ ବୋଲି କହିଥିଲେ। ସ୍କୁଲ ଖେଳ ଶିକ୍ଷକ ରୋହିତ ନାଗଙ୍କ ସମେତ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରୁଛନ୍ତି। ଉଦ୍‌ଯାପନୀ ଉତ୍ସବରେ ସ୍କୁଲ ନିର୍ଦ୍ଦେଶକ ଜ୍ୟୋର୍ତିମୟୀ ସାହୁ ଓ ଇନଚାର୍ଜ ଚେରମେନ ଶିରିଷ ସାହୁ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରିବେ।

# ଭୋଟ କେନ୍ଦ୍ର ପାଇଁ ଏମ୍‌ପି ଦାବିପତ୍ର


ଏମ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

କୋକସରା,୨୩।୧୨(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ସିର୍ଲିଗୁଡା ଗ୍ରାମବାସୀ ଶନିବାର କଳାହାଣ୍ଡି ଏମ୍‌ପିଙ୍କୁ ମତଦାନ କେନ୍ଦ୍ର କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ସୂଚନା ଯେ, ସିର୍ଲିଗୁଡା ଏକ ରାଜସ୍ୱ ଗ୍ରାମ ହୋଇଥିବା ବେଳେ ନିର୍ବାଚନ ସମୟରେ ଗାଁରୁ ୮ କି.ମି. ଦୂର ବଙ୍ଗୋମୁଣ୍ଡା ପ୍ରାଥମିକ ବିଦ୍ୟାଳୟ ବୁଥ ନମ୍ବର ୨କୁ ମତଦାନ କରିବାକୁ ଯାଇଥାନ୍ତି। ଗ୍ରାମର ଅସୁସ୍ଥ, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧାମାନେ ନିଜର ମୌଳିକ ଅଧିକାର ସାବ୍ୟସ୍ତ କରିବାରୁ ବଞ୍ଚିତ ରହୁଛନ୍ତି। ମତଦାନ କରିବାକୁ ଯିବାରେ ମଧ୍ୟ ଅନେକ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ପୂର୍ବରୁ ଏ ନେଇ ଗ୍ରାମବାସୀ ସ୍ଥାନୀୟ ପ୍ରଶାସନ ଓ ନିର୍ବାଚିତ ପ୍ରତିନିଧିଙ୍କୁ ଅଭିଯୋଗ କରିଛନ୍ତି। ହେଲେ କୌଣସି ସମାଧାନ ହୋଇନାହିଁ। ଶନିବାର ଜୁନାଗଡ଼ଠାରେ ଏକ ଦଳୀୟ କାର୍ଯ୍ୟକ୍ରମରେ ଆସିଥିବା ଏମ୍‌ପି ପଣ୍ଡା ଓ ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ବିଜୟ ଦେବ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗମ୍ଭାରୀଗୁଡା ପଞ୍ଚାୟତ ନାଏବ ସରପଞ୍ଚ ନନ୍ଦିନୀ ନାଗ, ବସନ୍ତ ନାଗ, ଜୟରାମ ସୁନାନୀ, ଭୂଷଣ ମହାନନ୍ଦ, ଧନୁରାମ ନାଗ, ଡମବୁଡା ନାଗ, ଭଗବାନ ନାଗ, କରୁଣା ନାଏକ, ପୁରୁଷୋତ୍ତମ ସୁନାନୀ ଓ ଅନ୍ୟ ଗ୍ରାମବାସୀ ଉପସ୍ଥିତ ରହିଥିଲେ।

# ପଞ୍ଚମପୁର ଆଞ୍ଚଳିକ ଧନୁଯାତ୍ରା ଉଦ୍‌ଯାପିତ


ମଞ୍ଚସୀନ ଅତିଥିମାନଙ୍କୁ କଂସ ମହାରାଜ ପୁରସ୍କୃତ କରୁଛନ୍ତି।

ନୂଆପଡ଼ା,୨୩।୧୨(ମକାରୁ ବେମାଲ)

ନୂଆପଡା ସଦର ବ୍ଲକ ଖୁଟମନଭେରା ପଞ୍ଚାୟତ ପଞ୍ଚମପୁର ଗାଁର ଅଞ୍ଚଳିକ ଧନୁଯାତ୍ରା ଉଦଯାପିତ ହୋଇଯାଇଛି। ଧନୁଯାତ୍ରା କମିଟି ସଭାପତି ଭରତ ଦାସଙ୍କ ଅଧ୍ୟକ୍ଷତାରେ ଉଦଯାପନୀ ଉତ୍ସବରେ ସଦର ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟଅତିଥି, ଜିଲା ପରିଷଦ ସଦସ୍ୟ ଭରତ ଲାଲ ରାଉତ, ଭେରା ସରପଞ୍ଚ ଚୁମନ ଲାଲ ପାଣ୍ଡା, ସମିତି ସଭ୍ୟ ତାତୁରାମ ପାଣ୍ଡେ, ଆଇନଜୀବୀ ଧନିରାମ ସାହୁ, ଧରମବନ୍ଧା ଏସଆଇ ବିନୋଦ ବିହାରୀ ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଧନୁଯାତ୍ରା ଖୋଲା ରଙ୍ଗମଞ୍ଚରେ କଂସଙ୍କ ମୃତ୍ୟୁ ନାଟକ ମଞ୍ଚସ୍ଥ ହୋଇଥିଲା। ଆୟୋଜିକ କମିଟି ଜିତୁ ବାଘ, ବିକାଶ ସାହୁ, ରାଜେଶ ସାହୁ, ଟେକରାମ ମାଝି, ପୁସ୍ତମ ଦେବାଙ୍ଗନ, ଈଶ୍ୱର ରାଉତ, ଭୋଲେଶ୍ର ଦେବାଙ୍ଗନ, ଗୋବିନ ଦେବାଙ୍ଗନ, ତୁଷାର ସାହୁ, ଖମେରାଜ ଦେବାଙ୍ଗନ, ଚନ୍ଦ୍ର ଶେଖର ପଟେଲ ପ୍ରମୁଖ ପରିଚାଳନା କରିଥିଲେ।

# ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ

କୋକସରା,୨୩।୧୨(ଦୁଷ୍ମନ୍ତ କୁମାର ପାଇଯୋଶୀ)

କଳାହାଣ୍ଡି ଜିଲା କୋକସରା ବ୍ଲକ ଓଡିଶା ଆଦର୍ଶ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆଦର୍ଶ ବିଦ୍ୟାଳୟ ଅଧ୍ୟକ୍ଷ ଦୀନବନ୍ଧୁ କରଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ଧର୍ମଗଡ଼ ବିଧାୟକ ମୋଷଧି ବାଗ, ମୁଖ୍ୟବକ୍ତା ଭାବେ ଅବସର ପ୍ରାପ୍ତ କଲେଜ ଅଧ୍ୟକ୍ଷ ଗୋବର୍ଦ୍ଧନ ବାଗ, ସମ୍ମାନିତ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ, ବିଡିଓ ସ୍ନେହପ୍ରଭା ମାଝି ଯୋଗଦେଇ ଆଗକୁ ବଢ଼ିବାକୁ ହେଲେ ଛାତ୍ରୀଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ଛାତ୍ରୀଛାତ୍ରଙ୍କୁ ଟ୍ରଫି ପ୍ରଦାନ କରାଯାଇଛି। ଦ୍ୱିତୀୟ ଅଧିବେଶନରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମ ଓଡିଶା ଆଦର୍ଶ ବିଦ୍ୟାଳୟ ଶିକ୍ଷକଦ୍ କମଳାକାନ୍ତ ସାହୁ, ଅମୂଲ୍ୟ କୁମାର ସିଂ, ନୀତିଶ ଛନ୍ଦା, ଶଙ୍କର ରାଉତ, ଧିରେନ୍ଦ୍ର ନାଥ ଠାକୁର, ବିଶ ରଞ୍ଜନ ସାହୁ, ମଳୟ କୁମାର ସରାବୁ, ସୁରେନ୍ଦ୍ର ଦାସ, ପଦ୍ମ ମୁଖ ଚଲାନ, ପ୍ରଜ୍ଞା ବିନୋଦିନୀ, ପ୍ରଭା ନାଏକ, ଅଞ୍ଜଳି ମହାପାତ୍ର ପ୍ରମୁଖ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।


ବାର୍ଷିକ ଉତ୍ସବରେ ଜଣେ କୃତୀ ଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ମଞ୍ଚସ୍ଥ ହେଲା ନାଟକ 'ପ୍ରେମ ପତଙ୍ଗ'

## ସ୍ମାରକୀ ଜାତୀୟ ନାଟକ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟା

ଭବାନୀପାଟଣା,୨୩।୧୨(ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ଭବାନୀପାଟଣା ଟାଉନ ହଲଠାରେ 'ସ୍ମାରକୀ ନାଟ୍ୟ ସଂସ୍ଥା' ପକ୍ଷରୁ ଶୁକ୍ରବାରଠାରୁ ଚାଲିଥିବା ନାଟ୍ୟରଶ୍ମି ପ୍ରଫୁଲ୍ଲ ରଥ ସ୍ମାରକୀ ଜାତୀୟ ନାଟକ ମହୋତ୍ସବ ଶନିବାର ଥିଲା ଦ୍ୱିତୀୟ ସନ୍ଧ୍ୟା। ଦ୍ୱିତୀୟ ଦିବସରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ନାଟ୍ୟଶିଳ୍ପୀ ନିର୍ମଳ ମହାନ୍ତି, ସତ୍ୟନାରାୟଣ ସିଂହ, ନାଟ୍ୟକାର ଅଶୋକ ପାତ୍ର, ବରିଷ୍ଠ ଅଭିନେତା ଜଗନ୍ନାଥ ମୁଣ୍ଡ ଓ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ସଚିବେ ଶ୍ରୀ ପ୍ରବୋଧ ରଥ ପ୍ରମୁଖ ଯୋଗଦେଇ ଉଦବୋଧନ ଦେଇଥିଲେ। ଏହି ଅବସରରେ ସନ୍ଧ୍ୟାରେ ମଞ୍ଚସ୍ଥ ହୋଇଥିଲା ବିହାନ ଡ୍ରାମା ୱାର୍କସ ଭୋପାଳର ନାଟକ 'ପ୍ରେମ ପତଙ୍ଗ'। ଏହି ନାଟକ ଯୁବ ନାଟ୍ୟକାର ବିମଳ ଚନ୍ଦ୍ର ପାଣ୍ଡେ ରଚନା କରିଥିବା ବେଳେ ନିର୍ଦ୍ଦେଶନା ଦେଇଥିଲେ ସୌରଭ ଅନନ୍ତ। ଏଥିରେ ଶ୍ୱେତା କେତକର, ଅଙ୍କିତ ପରୋଛେ, ଶୁଭମ କଟିୟାର, ଅଂଶ ଯୋଶୀ, ରୁଦ୍ରାକ୍ଷ ଭୟେରେ, ଇଷା ଗୋସାମୀ, ସ୍ନେହା ବଧେ୍ର, ଜିଆ ମୁର୍ଖେରିଆ, ଅମିତ ମିଶ୍ର, ଦୀପକ ଯାଦବ, କୈଳାଶ ରାଜୁକେ, ମିଳନ ଯାଦବ ପ୍ରମୁଖ ଅଭିନୟ କରିଥିଲେ। ସଙ୍ଗୀତ ନିର୍ଦ୍ଦେଶନା ଦେଇଥିଲେ ହେମନ୍ତ ଦେଓଲେକ। ଆଲୋକରେ ସୌରଭ ଅନନ୍ତ ଥିବାବେଳେ ବାଦ୍ୟଯନ୍ତ୍ରରେ ତେଜଶତୋ ଅନନ୍ତ ସହାୟତା କରିଥିଲେ। ନାଟକ ବେଶ ମନମୁଗ୍ଧକର ହେବା ସହ ଦର୍ଶକଙ୍କୁ ବାନ୍ଧି ରଖିଥିଲା। ଦ୍ୱିତୀୟ ସନ୍ଧ୍ୟାରେ ବିରଞ୍ଚି ନାରାୟଣ ମୁଣ୍ଡ ମଞ୍ଚ ପରିଚାଳନା କରିଥିଲେ। ଏଥିରେ ସୌରଭ ମହାପାତ୍ର, ଆଲୋକ କୁମାର ସାହୁ, ରାମେଶର ତ୍ରିପାଠୀ, ସୁଶୀଲ ଆଚାର୍ଯ୍ୟ, ଶୁଭମ ବେହେରା, ତଥାଗତ ମିଶ୍ର, ସୌର୍ଯ୍ୟ ରଞ୍ଜନ ଜେନା, ଶିବଶକ୍ତି ପୁରୋହିତ, ବିକାଶ ରଞ୍ଜନ ମୁଣ୍ଡ, ଅମରେନ୍ଦ୍ର ମହାନ୍ତି, ଅବିନାଶ ଅଗସ୍ତି, ଦୀପକ ଶର୍ମା, ଗୋପିଧର ନାୟର, ପୁଷ୍ପାଞ୍ଜଳି ଦୀପ, ଲିପ୍ସା ମହାରଣା, ପ୍ରଜ୍ଞା ପରିମିତା ନାୟକ, ଲିପ୍ସାରାଣୀ ବାରିକ, ମାନସୀ ନାୟକ, ଦୀପକ ଶର୍ମା ପ୍ରମୁଖ ସହଯୋଗ କରିଥିଲେ।


ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚସ୍ଥ ନାଟକର ଏକ ଦୃଶ୍ୟ।

## ସଂକ୍ଷେପରେ

### ଦୁର୍ବ୍ୟବହାର ଅଭିଯୋଗରେ ଶିକ୍ଷକ ଗିରଫ

**ସୋହେଲା,୨୩।୧୨(ଅଶ୍ୱିନୀ କୁମାର ପାତ୍ର):** ବରଗଡ଼ ଜିଲା ସୋହେଲା ଥାନା ଅନ୍ତର୍ଗତ ପାଣିମୋରାରେ ଥିବା ସେଣ୍ଟ୍ରାଲ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରେ ଦୁର୍ବ୍ୟବହାର ପ୍ରଦର୍ଶନ ଓ ଧମକ ଦେବା ଅଭିଯୋଗରେ ପୋଲିସ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ପାଣିମୋରା ଗ୍ରାମର ଉତ୍ପଳ ପଧାନ। ତାଙ୍କୁ ଶନିବାର କୋର୍ଟଚାଲାଣ କରାଯାଇଛି। ଏ ନେଇ ସୋହେଲା ଥାନାରେ ଏକ ମାମଲା (ନଂ.୨୬୮/୨୩) ରୁଜୁ ହୋଇଛି। ସୂଚନାଯୋଗ୍ୟ, ଅଭିଯୁକ୍ତ ଜଣଙ୍କ ସାହାଜବାହାଲ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରନ୍ତି। ସେ ଗତ ୧୬ ତାରିଖରେ ଉକ୍ତ ବ୍ୟାଙ୍କ ସର୍ଭର ରୁମ୍‌କୁ ପଶି ଏଗ୍ରିକଲଚର ଫାଇନାନ୍ସ ଅଫିସର ଇତିଶ୍ରୀ ମହାପାତ୍ରଙ୍କୁ ଦୁର୍ବ୍ୟବହାର ପ୍ରଦର୍ଶନ ସହ ହତ୍ୟା ଧମକ ଦେଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ଅଭିଯୁକ୍ତ ଫେରାର ଥିଲେ। ଏହି ଘଟଣା ପରେ ବ୍ଲକ ଶିକ୍ଷାଧିକାରୀ ଘଟଣାର ତଦନ୍ତ ପାଇଁ ଏକ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍ ଗଠନ କରିଛନ୍ତି।

### ଗୋପପୁର ଯାତ୍ରା କମିଟି ବୈଠକ

#### ମଞ୍ଚ, ଅଭିନୟକୁ ଗୁରୁତ୍ୱ

**ବରଗଡ଼,୨୩।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଧନୁଯାତ୍ରା ମହୋତ୍ସବ ପାଳନ ଅବସରରେ ଶନିବାର ଗୋପପୁର ଯାତ୍ରା କମିଟି ବୈଠକ ଅନୁଷ୍ଠିତ ହୋଇଛି। ସ୍ଥାନୀୟ ଉପଜିଲାପାଳଙ୍କ ଅଫିସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ କୁମାର ନାଗଭୂଷଣ, ପୌର ନିବାହୀ ଅଧିକାରୀ ହରପ୍ରସାଦ ନାଏକ, ଧନୁଯାତ୍ରା ମହୋତ୍ସବ ସମିତି ଆବାହକ ସୁରେଶ୍ୱର ଶତପଥୀ, ଗୋପପୁର ଯାତ୍ରା କମିଟିର କୃଷ୍ଣଚନ୍ଦ୍ର ମହାପାତ୍ର, ଦୟାନିଧି ପ୍ରଧାନ, ରବିନ୍ଦ୍ର ପୂଜାରୀ, ଈଶ୍ୱର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ବୈଠକରେ ଏଥର ଗୋପପୁର ଯାତ୍ରାକୁ ଅନ୍ୟବର୍ଷ ତୁଳନାରେ ଅଧିକ ଆକର୍ଷଣୀୟ କରିବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି କ୍ରମରେ ଜିରା ନଦୀ କୂଳରେ ମଞ୍ଚ ପାଇଁ ସ୍ଥାନ ନିରୂପଣ, ଶୁଭସ୍ତମ୍ଭ ପାଇଁ ଲଗ୍ନ ନିରୂପଣ, ଆଲୋକୀକରଣ, କଳାକାରଙ୍କ ଅଭିନୟ, ଆର୍ଥିକ ପରିଚାଳନା ଆଦି ଉପରେ ଆଲୋଚନା ହୋଇଥିଲା।

### ଗ୍ରୀଞ୍ଜୋଲରେ ଗଣିତ ଦିବସ ପାଳିତ

**ସୋହେଲା,୨୩।୧୨(ଅଶ୍ୱିନୀ କୁମାର ପାତ୍ର):** ସୋହେଲା ସରସ୍ୱତୀ ଶିଶୁ ମନ୍ଦିର ଆନୁକୂଲ୍ୟରେ ଗ୍ରୀଞ୍ଜୋଲ ଗ୍ରାମରେ ଗଣିତ ଦିବସ ପାଳିତ ହୋଇଯାଇଛି। ଗ୍ରାମର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଆୟୋଜିତ ଉତ୍ସବରେ ଅବସରପ୍ରାପ୍ତ ଶିକ୍ଷକ ଗଣେଶ ରାମ ବେହେରା ସଭାପତିତ୍ୱ କରିଥିଲେ। ସରସ୍ୱତୀ ଶିଶୁ ମନ୍ଦିର ପରିଚାଳନା କମିଟି ସଭ୍ୟା ସୌଦାମିନୀ ସୁନା, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ଯଶୋବନ୍ତୀ ପଧାନ ଓ ବଲ୍ଲଭି ପଧାନ, ଗ୍ରୀଞ୍ଜୋଲ ପ୍ରାଥମିକ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷୀରୋଦ୍ର ସାହୁ, ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଧର୍ମାନନ୍ଦ ମହଲା ମଞ୍ଚାସୀନ ଥିଲେ। ଏହି ଉପଲକ୍ଷେ ଗ୍ରାମର ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଗଣିତ କୁଇଜ ଓ ରଙ୍ଗୋଲି ପ୍ରତିଯୋଗିତା କରାଯାଇଥିଲା। ଶେଷରେ ଶିଶୁ ମନ୍ଦିରର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମରେ ଶିଶୁ ମନ୍ଦିରର ଗୁରୁଜୀ ଗୁରୁମା ଓ ଗ୍ରାମର ବେଦପ୍ରିୟ ପଧାନ, କ୍ଷିତିପାଳ ବାରିକ, ଯୋଗାନନ୍ଦ ପଧାନ, ଡୋଲାମଣି ବାରିକ ପ୍ରମୁଖ ସହଯୋଗ କରିଥିଲେ।

### ଗାଇସିଲେଟରେ ଲକ୍ଷ୍ମୀପୂଜା

**ଗାଇସିଲେଟ୍,୨୩।୧୨(ବେଦପ୍ରକାଶ କଲେତ):** ବରଗଡ଼ ଜିଲା ଗାଇସିଲେଟ ସାହୁପଡ଼ାରେ ଲକ୍ଷ୍ମୀପୂଜା ଉତ୍ସବ ଚାଲିଛି। ଏହି ଅବସରରେ ଲକ୍ଷ୍ମୀ ପୁରାଣ ପଠନ କରାଯାଇଥିଲା। ପଡ଼ାର ଥବିର ସାହୁ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ନିର୍ବାହ କରିଥିଲେ। ଶନିବାର ଦ୍ୱିତୀୟ ଦିବସରେ ମାଁ ଲକ୍ଷ୍ମୀଙ୍କ ବିବାହ ଅନୁଷ୍ଠିତ ହୋଇଥିଲା। ବରଯାତ୍ରୀ ନଗର ପରିକ୍ରମା କରି ଯଜ୍ଞ ମଣ୍ଡପକୁ ଆସିଥିଲେ। ପଣ୍ଡିତ ଲଳିତ କୁମାର ପଣ୍ଡା ବିବାହ କାର୍ଯ୍ୟ ସମ୍ପାଦନ କରିଥିଲେ। ବଲାଙ୍ଗୀର ଜିଲା ବୁରୋମୁଣ୍ଡା ଗ୍ରାମର ପଣ୍ଡିତ ନାରାୟଣ ଓଝା ବ୍ୟାସକାର୍ଯ୍ୟ ସମ୍ପାଦନ କରିଥିଲେ। ତାଙ୍କୁ ଦିଲୀପ ମଲ୍ଲିକ, ମନୋଜ ଥନାପତି ପ୍ରମୁଖ ସହଯୋଗ କରିଥିଲେ। ଅମ୍ବିକା ପ୍ରସାଦ ତ୍ରିବେଦୀ, ଶଙ୍କର କାଲୋ, ସନ୍ତୋଷ କୁମାର ସାହୁ, ସୋମନାଥ ସାହୁ, ଘନଶ୍ୟାମ କାଲୋ, ବିଷ୍ଣୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଆଧ୍ୟାତ୍ମିକ ସମାଜ ଗଠନ ଆହ୍ୱାନ

## ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ସମାରୋହ

**ବରଗଡ଼,୨୩।୧୨(ପ୍ରେମାନନ୍ଦ ଖମାରୀ)**



ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ସମାରୋହରେ ଅତିଥିବୃନ୍ଦ ।

ମହର୍ଷି ଦୟାନନ୍ଦ କେବଳ ଜଣେ ଗେରୁଆ ବସ୍ତ୍ରଧାରୀ ସନ୍ୟାସୀ ନ ଥିଲେ। ଭାରତର ସ୍ୱାଧୀନତା ଆନ୍ଦୋଳନର ଜାଗ୍ରତ ପ୍ରହରୀ ସାଜିଥିବାବେଳେ ଭାରତର ଆତ୍ମାକୁ ଜାଗ୍ରତ କରିପାରିଥିଲେ। ସେ ସମାଜ ସଂସ୍କାରକ ଥିଲେ। ଫଳରେ ସାମ୍ପ୍ରତିକ ସ୍ଥିତିରେ ସୁସ୍ଥ, ନିଶାମୁକ୍ତ ଏବଂ ଆଧ୍ୟାତ୍ମିକ ସମାଜ ଗଠନର ଆବଶ୍ୟକତା ରହିଛି ବୋଲି ବରଗଡ଼ ରାଣାପ୍ରତାପ ହାଇସ୍କୁଲ ଖେଳ ପଡ଼ିଆରେ ଶନିବାର ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ଆନୁକୂଲ୍ୟରେ ଆୟୋଜିତ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ଦ୍ୱିଶତବାର୍ଷିକୀ ସମାରୋହ ଉଦ୍‌ଘାଟନୀ ଅବସରରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜର ଅଧକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଡଃ ଅନ୍ନପୂର୍ଣ୍ଣା ନନ୍ଦଙ୍କ ପୌରୋହିତ୍ୟରେ ବୈଦିକ ଯଜ୍ଞ ହୋଇଥିଲା। ସୁରେଶ୍ୱର ମୁନି, ସଚେତନ ମୁନି, ଉଗର ବାନପ୍ରସ୍ଥି, ଦିନମଣି ବାରିକ, ସୀତାରାମ ଶାସ୍ତ୍ରୀ, ଶିବଶଙ୍କର ଶାସ୍ତ୍ରୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସଦାଶିବ ସାହୁ ମୁଖ୍ୟକର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ପ୍ରଥମ ଦିନ ୮ଯୋଡ଼ି କର୍ତ୍ତା ଅଂଶଗ୍ରହଣ କରି ଯଜ୍ଞକାର୍ଯ୍ୟ ତୁଲାଇଥିଲେ। ଆମସେନା ଆଶ୍ରମ ଆଚାର୍ଯ୍ୟ ବ୍ରହ୍ମାନନ୍ଦ ସରସ୍ୱତୀ ଏବଂ ସ୍ୱାମୀ ବିଶୁଧାନନ୍ଦ ସରସ୍ୱତୀ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବୈଦିକ ଧ୍ୱଜା ଉତ୍ତୋଳନ କରି ଆର୍ଯ୍ୟ ସମ୍ମିଳନୀକୁ ଉଦ୍‌ଘାଟନ କରିଥିଲେ। ଅଧ୍ୟକ୍ଷ ଆଚାର୍ଯ୍ୟ ବୃହସ୍ପତି ଶାସ୍ତ୍ରୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ସଙ୍ଗଠନ ମନ୍ତ୍ରୀ ପଣ୍ଡିତ ଧନୁର୍ଦ୍ଧର ମହାପାତ୍ର ସ୍ୱାଗତ ଭାଷଣ ଦେଇଥିଲେ।

ପୂର୍ବତନ ରାଜ୍ୟ ସଭା ସଦସ୍ୟ ପ୍ରସନ୍ନ ଆଚାର୍ଯ୍ୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସ୍ୱାମୀ ଦୟାନନ୍ଦ ସରସ୍ୱତୀଙ୍କୁ ସମାଜ ସଂସ୍କାରକ ବୋଲି ଅଭିହିତ କରିଥିଲେ। ସେହିପରି ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ପୂର୍ବତନ ଏମ୍‌ପି ଡଃ ପ୍ରଭାସ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମହର୍ଷି ଦୟାନନ୍ଦଙ୍କ ଆଦର୍ଶ ସମ୍ପର୍କରେ ଉଲ୍ଲେଖ କରି ଏକ ସୁସ୍ଥ ନିଶାମୁକ୍ତ ଓ ଆଧ୍ୟାତ୍ମିକ ସମାଜ ଗଠନ ପାଇଁ ସମସ୍ତ ଆର୍ଯ୍ୟ ସମାଜ ଶପଥ ନେବାକୁ ଆହ୍ୱାନ ଦେଇଥିଲେ। ଶତବାର୍ଷିକୀ ଅବସରରେ ପଶ୍ଚିମ ଓଡ଼ିଶା ଆର୍ଯ୍ୟ ସମାଜ ତରଫରୁ ମହର୍ଷି ଦୟାନନ୍ଦ ସରସ୍ୱତୀଙ୍କ ନାମରେ ଏକ ମାର୍ଗର ନାମକରଣ କରିବା ପାଇଁ ପଣ୍ଡିତ ଗୋପବନ୍ଧୁ ପୁରୋହିତ ପ୍ରସ୍ତାବ ଦେଇଥିଲେ। ଏହି ଅବସରରେ ଆର୍ଯ୍ୟ ସମାଜ ପାଇଁ କାର୍ଯ୍ୟ କରୁଥିବା ବିଦ୍ୱାନ ଡଃ ଜୟେନ୍ଦ୍ର ଆର୍ଯ୍ୟ, ଡଃ ଅନ୍ନପୂର୍ଣ୍ଣା ନନ୍ଦ, ବିଦ୍ୟାଳଙ୍କାର ଶ୍ରୀବତ୍ସ ଶାସ୍ତ୍ରୀ, ଆଚାର୍ଯ୍ୟ ଅଶୋକ କୁମାର ଶାସ୍ତ୍ରୀ, ଡା. ରାମକୁମାର ପଟେଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦ୍ୱିତୀୟ ଅଧିବେଶନ ରାଷ୍ଟ୍ର ଜାଗରଣ ସମାବେଶରେ ପଣ୍ଡିତ ଦିନମଣି ବାରିକ, ଆଚାର୍ଯ୍ୟ ଗୋବିନ୍ଦ ସିଂ, ଜି. ଶ୍ରୀନିବାସ ପାଠି ଶର୍ମା, ଶ୍ରୀବତ୍ସ ଶାସ୍ତ୍ରୀ, ଆଚାର୍ଯ୍ୟ ଶାରଦା ଜୀ, ଡଃ ଅନ୍ନପୂର୍ଣ୍ଣା ନନ୍ଦ ପ୍ରମୁଖ ଯୋଗଦେଇ ରାଷ୍ଟ୍ର ପ୍ରତି କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ତୃତୀୟ ଅଧିବେଶନରେ ପଣ୍ଡିତ ସହଦେବ ଶାସ୍ତ୍ରୀଙ୍କ ଧୂମାଭଟା ଗୁରୁକୁଳର ବ୍ରହ୍ମଚାରୀଙ୍କ ଦ୍ୱାରା ଯୋଗାସନ ପ୍ରଦର୍ଶିତ ହୋଇଥିଲା । ଆଚାର୍ଯ୍ୟ କୃଷ୍ଣଦେବ ଶାସ୍ତ୍ରୀ ଶାନ୍ତିପାଠ କରିଥିଲେ ।

# ଦରମା ବୃଦ୍ଧି ଦାବିକଲେ ଆମ୍ବୁଲାନ୍ସ କର୍ମଚାରୀ

**ବରଗଡ଼,୨୩।୧୨(ପ୍ରେମାନନ୍ଦ ଖମାରୀ)**

ରାଜ୍ୟରେ କାର୍ଯ୍ୟରତ ଆମ୍ବୁଲାନ୍ସ କର୍ମଚାରୀଙ୍କ ପ୍ରତି ସରକାର ଅଣଦେଖା ମନୋଭାବ ପୋଷଣ କରୁଛନ୍ତି। ଏଭଳି ଅଭିଯୋଗ କରି ଅଲ୍ ଓଡ଼ିଶା ୧୦୮ ଆମ୍ବୁଲାନ୍ସ କର୍ମଚାରୀ ମହାସଂଘ, ବରଗଡ଼ ଜିଲା ଶାଖାର ସଭ୍ୟମାନେ ଜିଲାପାଳଙ୍କୁ ଫେରାଦ ହୋଇଥିଲେ। ଜିଲାପାଳ ମୋନିଷା ବାନାର୍ଜୀଙ୍କ ଅନୁପସ୍ଥିତିରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରାଙ୍କୁ ସେମାନେ ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ଗୋଟିଏ କମ୍ପାନୀ ଅଧୀନରେ ୧୦୮ ଆମ୍ବୁଲାନ୍ସ କର୍ମଚାରୀମାନେ ୨୦୧୩ରୁ ସ୍ୱଳ୍ପ ଦରମାରେ କାମ କରିଆସୁଛନ୍ତି। ବନ୍ୟା, ବାତ୍ୟା, କରୋନା, ଟ୍ରେନ ଦୁର୍ଘଟଣା ଆଦି ସମୟରେ ଆମ୍ବୁଲାନ୍ସ କର୍ମଚାରୀମାନେ ସେମାନଙ୍କ କାର୍ଯ୍ୟକୁ ନିଷ୍ଠାପର ଭାବେ ସମ୍ପାଦନ କରୁଛନ୍ତି। ମାତ୍ର ବାରମ୍ବାର ଦାବି ସତ୍ତ୍ୱେ ସେମାନଙ୍କ ଦରମା ବୃଦ୍ଧି କରାଯାଉ ନ ଥିବା ଅଭିଯୋଗ ହୋଇଛି। ଅନ୍ୟପକ୍ଷେ ଦରମା ବୃଦ୍ଧି ପାଇଁ ସମ୍ପୃକ୍ତ କମ୍ପାନୀ ପରିଚାଳକ ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ଏ ଦିଗରେ ବିହିତ ପଦକ୍ଷେପ ନେବାକୁ ସେମାନେ ଜିଲାପାଳଙ୍କୁ ନିବେଦନ କରିଛନ୍ତି। ସଞ୍ଜୟ ସାହୁଙ୍କ ନେତୃତ୍ୱରେ ଆମ୍ବୁଲାନ୍ସ କର୍ମଚାରୀମାନେ ସ୍ମାରକପତ୍ର ପ୍ରଦାନ ପାଇଁ ଜିଲାପାଳଙ୍କ ଅଫିସକୁ ଆସିଥିଲେ।

# ସିଦ୍ଧାର୍ଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ଉଦ୍‌ଯାପନୀ ସମାରୋହରେ ଅତିଥିବୃନ୍ଦ ।

**ସରଣ୍ଡା,୨୩।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ କୁମେଲସିଂହା ଗ୍ରାମସ୍ଥିତ ସିଦ୍ଧାର୍ଥ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ ଶୁକ୍ରବାର ଉଦ୍‌ଯାପିତ ହୋଇଛି । ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାର ଯୁଗଳେଶ୍ୱରୀ ଦାଶ ମୁଖ୍ୟ ଅତିଥି, ଚିପିଲିମା ପ୍ରାଣୀଧନ ନିରୀକ୍ଷକ ଶିକ୍ଷଣ କେନ୍ଦ୍ରର ଉପନିର୍ଦ୍ଦେଶକ ଶୋଭନ କୁମାର ନାୟକ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ବିଦ୍ୟାଳୟର ଚେୟାରମ୍ୟାନ ଭି. ଶ୍ରୀନିବାସ ରାଓ ସଭାପତିତ୍ୱ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଜି. ଶ୍ରୀନିବାସ ରାଓ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ପାଠ୍ୟ ନିର୍ଦ୍ଦେଶକ ଅସିତ ଅମାନ୍ତ ଏକାଡେମିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଶିକ୍ଷକ ଲକ୍ଷ୍ମୀନାରାୟଣ ମିଶ୍ର, କ୍ରୀଷ୍ଣା ଦାଶ ଅତିଥି ପରିଚୟ ପ୍ରଦାନ କରିଥିଲେ। ଛାତ୍ରୀ ସ୍ନେହା ସାହୁ, ସ୍ମୃତି ବଜ୍ରପୁଞ୍ଜୀ, ପ୍ରିୟଙ୍କା ପଣ୍ଡା, ରାସେଶ୍ୱରୀ ଆଚାର୍ଯ୍ୟ, ପ୍ରିନ୍ସ ଯାଦବ ସଭାକାର୍ଯ୍ୟ ପରିଚାଳନା କରିଥିଲେ । କାମିନୀ ଦାଶଙ୍କୁ ଭି. ରାମଚନ୍ଦ୍ର ରାଓ ପ୍ରତିଭା ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ଓଡ଼ିଶା ପ୍ରଶାସନିକ ସେବା ପରୀକ୍ଷାରେ ସଫଳତା ଅର୍ଜନ କରିଥିବା ବିଦ୍ୟାଳୟର ପୁରାତନ ଛାତ୍ରୀ ଶ୍ୱେତାଲିନା ମାହାନାଙ୍କୁ ସମ୍ମାନିତ କରାଯାଇଥିଲା। ଛାତ୍ରୀ ଜି. ଗୀତାଶ୍ରୀଙ୍କୁ ଚଳିତବର୍ଷର ଶ୍ରେଷ୍ଠ ବିଦ୍ୟାର୍ଥୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷୟିତ୍ରୀ ସୁନୀତା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ସରସ୍ୱତୀ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ


ବାର୍ଷିକୋତ୍ସବରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଉଛି।

**ଭେଡ଼େନ,୨୩।୧୨(ସୁଦନ ମହାକୁର)**

ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ମହୁଲପାଲି ସରସ୍ୱତୀ ବିଦ୍ୟା ମନ୍ଦିରର ବାର୍ଷିକୋତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଗୁପ୍ତେଶ୍ୱର ପୁରୋହିତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ଅତାବିରା ବିଧାୟିକା ସ୍ନେହାଙ୍ଗିନୀ ଛୁରିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଦ୍ୟାମନ୍ଦିରରେ ହିନ୍ଦୁ ଧର୍ମର ନୈତିକ ଶିକ୍ଷା ତଥା ଶୈକ୍ଷିକ ବାତାବରଣ ଉପରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭେଡ଼େନ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜୟକିଷନ ମହାରଣା ସମ୍ମାନୀତ ଅତିଥି ଏବଂ ଅବସରପ୍ରାପ୍ତ ଓଡ଼ିଆ ପ୍ରଧାପକ ଡ. ପୁଷ୍ପକୁମାର ମେହେର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଓଡ଼ିଆ ଭାଷାର ସଂସ୍କୃତି, ପରମ୍ପରା ଓ ଶିକ୍ଷାନୀତି ବିଷୟରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କରିଥିଲେ। ପ୍ରଧାନାଚାର୍ଯ୍ୟ ଅଶୋକ କୁମାର ଧର ବାର୍ଷିକ ବିବରଣୀ ପଠନ କରିଥିଲେ। ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ତଥା ଅନ୍ୟାନ୍ୟ ବିଷୟରେ କୃତିତ୍ୱ ହାସଲ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସହକାରୀ ଶିକ୍ଷକ ଗୋପାଳ ମହାର୍ଣ୍ଣା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଶିଶୁମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସମସ୍ତ ଗୁରୁମା ଗୁରୁଜୀ, ସେବିକା ସେବକ ସହଯୋଗ କରିଥିଲେ।

### ପଦ୍ମପୁର ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟି ବୈଠକ

**ପଦ୍ମପୁର,୨୩।୧୨(ପ୍ରଦୀପ୍ତ ଦାଶ)**

ପଦ୍ମପୁର ରାଜାଜୀ ଟାଉନ୍ ହଲ୍‌ଠାରେ ଶନିବାର ଜିଲା ଗଠନ ମିଳିତ କ୍ରିୟାନୁଷ୍ଠାନ କମିଟିର ଜରୁରୀକାଳୀନ ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି। ପଦ୍ମପୁର ନାଗରିକ କମିଟି ସଭାପତି ରାମଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ପଦ୍ମପୁରକୁ ଜିଲା ଘୋଷଣା ଉପରେ ଆଲୋଚନା ହୋଇଥିଲା। ଡିସେମ୍ବର ୩୧ ସୁଦ୍ଧା ପଦ୍ମପୁରକୁ ବିଧିବଦ୍ଧ ଭାବେ ଜିଲା ଘୋଷଣା କରା ନ ଗଲେ ଅଞ୍ଚଳବାସୀ ପରବର୍ତ୍ତୀ ବିକଳ୍ପ ଗ୍ରହଣ କରିବେ ବୋଲି ନିଷ୍ପତ୍ତି ଗୃହୀତ ହୋଇଛି। ଆସନ୍ତା ୩୧ ତାରିଖରେ ଅଞ୍ଚଳର ଜନସାଧାରଣଙ୍କୁ ନେଇ ସାଧାରଣ ସଭା ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇଛି। ବୈଠକରେ ବଣିକ ସଂଘ ସଭାପତି ପ୍ରତାପ ମିଶ୍ର, କ୍ରିୟାନୁଷ୍ଠାନ କମିଟି ସଦସ୍ୟ ଡାକ୍ତର ମୋହନ ନାଏକ, ବ୍ରାହ୍ମଣ ସମାଜ ସଭାପତି ଜୟ ନାରାୟଣ ତ୍ରିପାଠୀ, କୋଶଲ ଆନ୍ଦୋଳନର ମନୋରଞ୍ଜନ ସିଂ ବରିହା, ଷ୍ଟାମ୍ପ ଭେଣ୍ଡର ସଂଘର ସନ୍ତୋଷ ମହାନ୍ତି, ଯୁବ ସଙ୍ଗଠନର ସୁରଜ ଭୋଇ, ଟଙ୍କଧର କଣ୍ଡା, ସୁନିଲ ଅଗ୍ରୱାଲ, ନିରୋଜ ଦୋରା ପ୍ରମୁଖ ଯୋଗ ଦେଇଥିଲେ।

### ପ୍ରଶାସନ-ଖବରଦାତା ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ୍

**ବରପାଲି, ୨୩।୧୨(ଚିତ୍ତରଞ୍ଜନ ସାହୁ):** ବରଗଡ ଜିଲା ବରପାଲିଠାରେ ଶନିବାର ପ୍ରଶାସନ ଓ ଖବରଦାତାଙ୍କ ମଧ୍ୟରେ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏହି ମ୍ୟାଚ୍‌କୁ ବରଗଡ ବିଧାୟକ ଦେବେଶ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦାନ କରି ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଅଧିକାରୀ ବାରିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ କ୍ରୀଡ଼ାବିତ୍ ଓ ଖେଳାଳିମାନଙ୍କୁ ପ୍ରେରଣା ଦେବ ବୋଲି ଉପସ୍ଥିତ ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଶାସନ ପକ୍ଷରୁ ବରପାଲି ବିଡିଓ ପ୍ରସନ୍ନ କୁମାର ପାଣ୍ଡେ ଏବଂ ଖବରଦାତାଙ୍କ ପକ୍ଷରୁ ସଂଘ ସଭାପତି ଚିତ୍ତରଞ୍ଜନ ସାହୁ ଅଧିନାୟକ ଦାୟିତ୍ୱ ତୁଲାଇଥିଲେ। ରେଫରୀ ଜିତେନ୍ଦ୍ରିୟ

# ଶ୍ରୀଅରବିନ୍ଦ ଶିକ୍ଷାକେନ୍ଦ୍ରରେ ବିଜ୍ଞାନ, ଚିତ୍ରକଳା ପ୍ରଦର୍ଶନୀ

**ସରଣ୍ଡା,୨୩।୧୨(ଯୁଧିଷ୍ଠିର ମହାପାତ୍ର)**

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ କାଠଡେରା ସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରରେ ବାର୍ଷିକ ବିଜ୍ଞାନ ଓ ଚିତ୍ରକଳା ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାକେନ୍ଦ୍ରର ବିଜ୍ଞାନ ବିଭାଗ ମୁଖ୍ୟ ଆକାଶ ମେହେର, କଳା ବିଭାଗ ମୁଖ୍ୟ ଭୀଷ୍ମଦେବ ରଣା ଓ ସୁକନ୍ୟା କୁମ୍ଭାରଙ୍କ ତତ୍ତ୍ୱାବଧାନରେ ବିଜ୍ଞାନରେ ୪୦ଟି ଏବଂ ଚିତ୍ରକଳାରେ ୧୧୦ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏହି ପ୍ରଦର୍ଶନୀରେ ବିଜ୍ଞାନ ଶିକ୍ଷକ ମୁକେଶ ପ୍ରଧାନ, ଅଶୋକ ପ୍ରଧାନ, କୌଶିକ ଦାଶ, ଆଦିତ୍ୟ ମିଶ୍ର ବିଚାରକ ଦାୟିତ୍ୱ ତୁଲାଇଥିଲେ। ଶିକ୍ଷାକେନ୍ଦ୍ର ଅଧକ୍ଷା ରିଲି ପଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ବରଗଡ଼ ଜିଲା ଶ୍ରୀଅରବିନ୍ଦ ସାହିତ୍ୟ ପରିଷଦ ଆବାହିକା ତପସ୍ୱିନୀ ମହାପାତ୍ର ମୁଖ୍ୟ ଅତିଥି, ଉତ୍କଳ ଗ୍ରାମୀଣ ବ୍ୟାଙ୍କ କାଠଡେରା ଶାଖା ପ୍ରବନ୍ଧକ ନାରାୟଣ ଝାଙ୍କର, ଜିଲା ମହିଳା ପାଠଚକ୍ର ଆବାହିକା ଜୟନ୍ତୀ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ସିନିୟର ବିଭାଗରେ ଶ୍ରୀୟା ପ୍ରଧାନ ପ୍ରଥମ, ଅମନ ପ୍ରଧାନ ଦ୍ୱିତୀୟ, ରୋନକ ପାତ୍ର ଓ ଆୟୁଷ ଚୌଧୁରୀ ଯୁଗ୍ମ ତୃତୀୟ, ଜୁନିୟର ବିଭାଗରେ ରିତିକ ସାହୁ ପ୍ରଥମ, ଅମ୍ରିତା ପତି ଦ୍ୱିତୀୟ, ମୁସ୍କାନ ପଧାନ ଓ ସୃଷ୍ଟିସୌମ୍ୟା ସାହୁ ଯୁଗ୍ମ ତୃତୀୟ, ସବ୍‌ଜୁନିୟର ବିଭାଗରେ ହର୍ଷିକା ପ୍ରଧାନ ପ୍ରଥମ, ସୌମ୍ୟାଶ୍ରୀ ପତି ଦ୍ୱିତୀୟ, ଅମନ ମେହେର ତୃତୀୟ ସ୍ଥାନ ଅଧିକାର କରିଥିଲେ। ରାଜେଶ ସେଟ କାର୍ଯ୍ୟକ୍ରମ ପରିଚାଳନା, ପରିଚାଳନା କମିଟି ସଭାପତି କୃଷ୍ଣଚନ୍ଦ୍ର ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ସମ୍ପାଦକ ଚାପଧାରୀ ସିଂ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ରୋହିତ ବିଶ୍ୱାଳ, ଜିତେନ୍ଦ୍ର ପ୍ରଧାନ, ବିଜୟ ବନଛୋର, ପ୍ରିୟଙ୍କା ସାହୁ, ସତ୍ୟବତୀ ନାଗ, ଜୟନ୍ତୀ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ।

# ଏସ୍‌ଡିସିସି ବ୍ୟାଙ୍କର ସାଧାରଣ ସଭା


ସାଧାରଣ ସଭାରେ ମଞ୍ଚାସୀନ ବ୍ୟାଙ୍କ ଅଧିକାରୀ ।

**ବରଗଡ଼,୨୨।୧୨(ପ୍ରେମାନନ୍ଦ ଖମାରୀ)**

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ଶୁକ୍ରବାର ସମ୍ବଲପୁର ଜିଲା ସମବାୟ କେନ୍ଦ୍ର (ଏସଡ଼ିସିସି) ବ୍ୟାଙ୍କର ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ବ୍ୟାଙ୍କ ପରିଚାଳନା ପରିଷଦ ସଭାପତି ନରେନ୍ଦ୍ର ପ୍ରଧାନ ଏଥିରେ ସଭାପତିତ୍ୱ କରିଥିଲେ। ସଭାରେ ଉପସଭାପତି ବାସନ୍ତୀ ପ୍ରଧାନଙ୍କ ସମେତ ବ୍ୟାଙ୍କ ପରିଚାଳନା ପରିଷଦର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ବ୍ୟାଙ୍କର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧୀର କୁମାର ଭୋଇ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ସମବାୟ ସମିତି ସମୂହ ଉପନିବନ୍ଧକଙ୍କ ପ୍ରତିନିଧି, ସମସ୍ତ ସେବା ସମବାୟ ସମିତି ସଭାପତି ଉପସ୍ଥିତ ଥିଲେ। ଉମାକାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିକାଶରେ ଗଣିତ ଦିବସ

**ବରଗଡ଼,୨୩।୧୨(ପ୍ରେମାନନ୍ଦ ଖମାରୀ)**

ବିକାଶ ହାୟର ଏଜୁକେଶନାଲ ଇନଷ୍ଟିଚ୍ୟୁଶନ୍ସ ଅନ୍ତର୍ଗତ ବିକାଶ ଡିଗ୍ରୀ କଲେଜ ଗଣିତ ଶାସ୍ତ୍ର ବିଭାଗ ଛାତ୍ରୀଛାତ୍ରଙ୍କ ଦ୍ୱାରା ଯୁବ ବୈଜ୍ଞାନିକ ଶ୍ରୀନିବାସ ରାମାନୁଜନଙ୍କ ଜୟନ୍ତୀ ଅବସରରେ ଗଣିତ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ରାମାନୁଜନଙ୍କ ପଟ୍ଟଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ଛାତ୍ରୀଛାତ୍ର ନିଜ ହାତରେ ପେନସିଲରେ ଆଙ୍କିଥିବା ରାମାନୁଜନଙ୍କ ସୁନ୍ଦର ପଟ୍ଟଚିତ୍ର ବିକାଶ ଗ୍ରୁପ୍‌ର ଏକ୍‌ଜିକ୍ୟୁଟିଭ ଡାଇରେକ୍ଟର ଜି. ନାଗେଶ୍ୱର ରାଓଙ୍କୁ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ଛାତ୍ରୀଛାତ୍ରଙ୍କ ଦ୍ୱାରା ସଂଚାଳିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ପ୍ରଫେସର ସତ୍ୟବ୍ରତ ମିଶ୍ର ଗଣିତ ଦିବସ ଉପରେ ବକ୍ତବ୍ୟ ରଖିଥିଲେ। ଉପାଧ୍ୟକ୍ଷ ଆର.ଏସ.ଭି କ୍ରୀଷ୍ଣାଙ୍କ ତତ୍ତ୍ୱାବଧାନରେ କୋର୍ଡ଼ିନେଟର ଆଦିତ୍ୟ ପଧାନ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ରାମାନୁଜନଙ୍କ ଜୀବନୀ ଏବଂ ତାଙ୍କ ଉପଲବ୍ଧି ମାନବ ଜୀବନରେ ପ୍ରଭାବକୁ ରେଖାଙ୍କିତ କରି ସଂଗୋଷ୍ଠୀ ଆୟୋଜିତ ହୋଇଥିଲା।


ବିକାଶରେ ଗଣିତ ଦିବସ ପାଳନ ।

# ମଣ୍ଡି ଉଦ୍‌ଘାଟନର ପ୍ରଥମ ଦିନରୁ ଧାନକିଣାରେ ବିଭ୍ରାଟ

**ବୌଦ୍ଧ,୨୩।୧୨( ଅଜିତ କୁମାର ବାରିକ)**


ବୀରନରସିଂହପୁର ମଣ୍ଡିରେ ଥିବା ଧାନ ।

ବୌଦ୍ଧ ଏକ କୃଷିପ୍ରଧାନ ଜିଲା । ଚାଷୀ ଧାନକୁ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇଥାଏ । କିନ୍ତୁ ମିଲର୍ସଙ୍କ ମର୍ଜିରେ ଧାନକିଣା ହେଉଥିବାରୁ ଚାଷୀ ଉପଯୁକ୍ତ ନ୍ୟାୟ ପାଇ ପାରୁନାହିଁ । ପ୍ରଶାସନ ଚଳିତବର୍ଷ ଜିଲାର କଣ୍ଟାମାଳ ବ୍ଲକରେ ଗତ ୧୨ ତାରିଖରୁ ଧାନ କିଣା ଆରମ୍ଭ କରିଥିବା ବେଳେ ବୌଦ୍ଧ ଓ ହରଭଙ୍ଗା ବ୍ଲକରେ ଗତ ୧୯ ତାରିଖ ଠାରୁ ଧାନ କିଣା ଆରମ୍ଭ କରିଛି । ଚଳିତବର୍ଷ ୫୪ ଗୋଟି ମଣ୍ଡିରେ ଧାନ କିଣା ବ୍ୟବସ୍ଥା ହୋଇଥିବା ବେଳେ ଗତ ଶୁକ୍ରବାର ଦିନ ହରଭଙ୍ଗା ବ୍ଲକର ବୀରନରସିଂହପୁରଠାରେ ଥିବା ମଣ୍ଡିରେ ଧାନ କିଣା ଶୁଭାରମ୍ଭ ହୋଇଥିଲା । କିନ୍ତୁ ଏହି ମଣ୍ଡିରେ ଧାନ କିଣାର ଶୁଭାରମ୍ଭରୁ ହିଁ କଟନୀ ଛଟନୀକୁ ନେଇ ଚାଷୀ ବିରୋଧ କରିବାରୁ ଧାନ କ୍ରୟ ହୋଇ ପାରି ନ ଥିଲା । ଫଳରେ ଚାଷୀ ଶୀତ କାକରରେ ମଣ୍ଡିରେ ଶୋଇ ରହିଥିବା ଦେଖିବାକୁ ମିଳିଥିଲା । ସୂଚନା ମୁତାବକ, ବୀରନରସିଂହପୁରଠାରେ ମଣ୍ଡିକୁ ଜିଲା ପରିଷଦ ସଭ୍ୟ ତଥା ସମ୍ପୋଚ ସମବାୟ ସମିତିର ସଭାପତି ବିଶ୍ୱଜିତ ମିଶ୍ର ଓ ସଂପାଦକ ବ୍ରଜ ମହାପାତ୍ର ଉଦଘାଟନ କରିଥିଲେ । ଉଦ୍‌ଘାଟନ ଦିବସରେ ଚାଷୀ ୪୫୪ କୁଇଣ୍ଟାଲ ଧାନ ବିକ୍ରି କରିବାକୁ ଆଣିଥିଲେ। କିନ୍ତୁ ଆସିଥିବା ମିଲର୍ସ କୁଆଡେ ୫ କେଜି କାଟିବାକୁ କହିବା ପରେ ଚାଷୀମାନେ ଘୋର ବିରୋଧ କରିଥିଲେ। ଚାଷୀଙ୍କ ବିରୋଧ ସତ୍ତ୍ୱେ କେହି

## କଟ୍‌ନୀ ଛଟ୍‌ନୀକୁ ବିରୋଧ କଲେ ଚାଷୀ

ଶୁଣି ନ ଥିଲେ । ଫଳରେ ଚାଷୀମାନେ ଶୀତ କାକରରେ ପଡି ରହିଥିଲେ । ପୁଣି ଶନିବାର ଦିନ ମିଲର୍ସମାନେ ଅଢେଇ କେଜି କାଟିବାକୁ ଅଡି ବସିବାରୁ ବାଧ ହୋଇ ଚାଷୀ ଧାନ ବିକ୍ରି କରିଥିବା ଜଣାପଡିଛି । କଟନୀ ଛଟନୀ ପରେ ଚାଷୀଙ୍କ ସମସ୍ତ ଧାନ ମିଲର୍ସ ନେଇଥିବା ଜଣାପଡିଛି । ସେହିପରି ଶନିବାର ମୁଣ୍ଡପଦର ସେବା ସମବାୟ ସମିତିର କାଶଲପୁର ଧାନ ମଣ୍ଡିରେ ଧାନ କିଣାରେ କଟନୀ ଛଟନୀକୁ ଚାଷୀମାନେ ବିରୋଧ କରିଥିବା ଜଣାପଡିଛି।

## ସଂକ୍ଷେପରେ

### ସାପ କାମୁଡାରେ ବୃଦ୍ଧା ମୃତ

ରାଉରକେଲା,୨୩।୧୨(ଦିନେଶ ମିଶ୍ର) ସାପ କାମୁଡ଼ାରେ ଜମସେରା ପଞ୍ଚାୟତ ଜବାଘାଟ ସ୍ଥିତ ମୁଣ୍ଡା ବସ୍ତିର ଜଣେ ବୃଦ୍ଧାଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ସନକି ମୁଣ୍ଡା(୬୨)। ଗୁରୁବାର ସନ୍ଧ୍ୟାରେ ସନକି ମଙ୍ଗଳା ଘର ପାଖ କ୍ଷେତକୁ ଗାଈ ଚରାଇବାକୁ ଯାଇ ଘରକୁ ଫେରୁଥିବାବେଳେ ଏକ ବିଷଧର ସାପ ତାଙ୍କ ଡାହାଣ ଗୋଡକୁ କାମୁଡି ଦେଇଥିଲା। ତାଙ୍କୁ ପରିବାର ଲୋକେ ଉଦ୍ଧାର କରି ଚିକିତ୍ସା ଲାଗି ପ୍ରଥମେ ଜବାଘାଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଆରଜିଏଚ୍‌ରେ ଭର୍ତ୍ତି କରିଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଏକ ଘରୋଇ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ବିଳମ୍ବିତ ରାତିରେ ତାଙ୍କର ମୃତ୍ୟୁ ହୋଇଥିଲା।

### ମଦ ପ୍ରସ୍ତୁତି ସାମଗ୍ରୀ ଜବତ

ଲହୁଣୀପଡ଼ା,୨୩।୧୨(ଦାଶରଥି ପଣ୍ଡା): ସୁନ୍ଦରଗଡ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଶନିବାର ଅବକାରୀ ଓ ପୋଲିସ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ବିପୁଳ ପରିମାଣର ମହୁଲ ପୋଚ ଓ ଦେଶୀ ମହୁଲି ମଦ ସହିତ ପ୍ରସ୍ତୁତି ସାମଗ୍ରୀ ଜବତ କରାଯାଇଛି। ଲହୁଣୀପଡ଼ା ଅବକାରୀ ବିଭାଗ ସବ୍‌ଇନ୍ସପେକ୍ଟର ତେଜରାଜ ଗହୀର, ଏଏସଆଇ ଅବଦୁଲ ଅନୱାରଙ୍କ ନେତୃତ୍ୱରେ ବିବେକ ସୁତାର, ପଞ୍ଚାନନ ଜେନା, ସୁକୁମାର ସାହୁ, ପ୍ରଭାସିନୀ ବାରିକ, ଶୁକଦେ ମିଞ୍ଜ, ଚନ୍ଦନ ସାହୁଙ୍କ ସମେତ ପୋଲିସ ପକ୍ଷରୁ ମିଳିତଭାବେ କୁରଡ଼ା,ପରାଗପୋଷ ଓ କରଡା କୁଦର ଗ୍ରାମର ନାଳ ଗୁଡିକରେ ଚଢ଼ାଉ କରାଯାଇଥିଲା। ଚଢ଼ାଉ ସମୟରେ ୫୨୦୦କେଜି ମହୁଲ ପୋଚ ଓ ୧୮୦ ଲିଟର ମହୁଲି ମଦ ଜବତ କରି ତାକୁ ନଷ୍ଟ କରି ଦେଇଥିଲେ। ଏଥିସହ ବିପୁଳ ପରିମାଣର ମହୁଲି ମଦ ପ୍ରସ୍ତୁତି ସାମଗ୍ରୀ ଜବତ କରିଥିବା ଜଣାପଡିଛି।

### ପାଣିପମ୍ପ ଚୋରି ଅଭିଯୋଗ

ବଡ଼ଗାଁ,୨୩।୧୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ଥାନା ଅନ୍ତର୍ଗତ ସିଙ୍ଗାରମୁଣ୍ଡା ଗ୍ରାମ ସ୍ଥିତ ଚର୍ଚ୍ଚ ପରିସରରୁ ଶୁକ୍ରବାର ରାତିରେ କେହି ଦୁର୍ବୃତ୍ତ ଡିଜେଲ ପାଣି ପମ୍ପକୁ ଚୋରି କରି ନେଇଯାଇଛନ୍ତି। ଏ ସମ୍ପର୍କରେ ଚର୍ଚ୍ଚର କର୍ମଚାରୀ ପ୍ରସନ୍ନ କୁମାର ସାମାଦ ବଡ଼ଗାଁ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

### ୧୯୭୨ ମାଟ୍ରିକ୍ ବ୍ୟାଚ୍‌ର ବନ୍ଧୁମିଳନ

ସୁନ୍ଦରଗଡ,୨୩।୧୨(ଜୟ ନାରାୟଣ ମେହେରୁଲି): ଭବାନୀ ଶଙ୍କର ହାଇସ୍କୁଲର ୧୯୭୨ମ୍ୟାଟ୍ରିକ ବ୍ୟାଚ ପୁରାତନ ଛାତ୍ରମାନଙ୍କ ଏକ ବନ୍ଧୁ ମିଳନ ଶନିବାର ସୁବଳୟାଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଛାତ୍ର ଏବଂ ତାଙ୍କ ସହଧର୍ମିଣୀ ଯୋଗଦେଇଥିଲେ। ବେଣୁମାଧବ ତ୍ରିପାଠୀ,ଅଶ୍ୱିନୀ ମିଶ୍ର, କୁଞ୍ଜ ବିହାରୀ ଛତ୍ରିଆ, ମହେନ୍ଦ୍ର ପାଞ୍ଚାଳ, ଲଳିତ ଦାସ ,ଦଳଗଞ୍ଜନ ନାଏକ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ବିଭିନ୍ନ ଜିଲାରୁ ପୁରାତନ ଛାତ୍ରମାନେ ନିଜନିଜର ସ୍କୁଲ ପାଠପଢା ବେଳର ଅନୁଭୂତି ତଥା ପରିବାର ବିଷୟରେ କହିଥିଲେ। ପ୍ରତ୍ୟେକ ବର୍ଷ ଏପରି ବନ୍ଧୁ ମିଳନ ଆୟୋଜନ ପାଇଁ ଅନୁରୋଧ କରିଥିଲେ।



କୋଏଲ ନଦୀ ତଟରେ ଥିବା ଇନ୍‌ଟେକ୍ ୱେଲ ନିକଟରେ ଡ୍ରେନ୍ ପାଣି ମିଶୁଛି।

# କୋଏଲରେ ମିଶୁଛି ଡ୍ରେନ୍ ପାଣି

ରାଉରକେଲା,୨୩।୧୨(ସଙ୍ଗୀତା ଜେନା)

ଇସ୍ପାତ ସହର ରାଉରକେଲାର ବିଭିନ୍ନ ଅଞ୍ଚଳର ବର୍ଜ୍ୟଜଳ ମୁଖ୍ୟ ଡ୍ରେନରେ ଆସି କୋଏଲ ନଦୀରେ ମିଶୁଛି। ଏହାଦ୍ୱାରା ନଦୀଜଳ ପ୍ରଦୂଷଣ ହେଉଛି। ଅନ୍ୟପକ୍ଷେ ଏହି ନଦୀଜଳକୁ ସ୍ଥାନୀୟ ଅଞ୍ଚଳବାସୀ ବିଭିନ୍ନ କାମରେ ବ୍ୟବହାର କରୁଛନ୍ତି। ଫଳରେ ଝାଡ଼ାବାନ୍ତି ଭଳି ସଂକ୍ରାମକ ରୋଗ ମଧ୍ୟ ହେଉଛି। ସରପଞ୍ଚ ଅଜିତ୍ ତିର୍କୀ ଅଭିଯୋଗ କରିଛନ୍ତି, କୋଏଲ ନଦୀର ଉପର ମୁଣ୍ଡ ଜନବସତିରୁ ବର୍ଜ୍ୟଜଳ ଡ୍ରେନରେ ଆସି ସିଧାସଳଖ ନଦୀରେ ମିଶୁଛି। ନଦୀର ତଳମୁଣ୍ଡରୁ ଝିରପାଣି, ଏନ୍‌ଆଇଟି କ୍ୟାମ୍ପସ ଓ ସେକ୍ଟରକୁ ଜଳଯୋଗାଣ କରାଯାଉଛି। ସେହିପରି ରାଉରକେଲା ସଂଲଗ୍ନ ଝିରପାଣି ପଞ୍ଚାୟତକୁ ମଧ୍ୟ ୱାଟକୋ ପକ୍ଷରୁ ଜଳ ଯୋଗାଣ ହେଉଛି। ଏହି ଜଳ ଉପରେ ପଞ୍ଚାୟତର ପ୍ରାୟ ୮ହଜାର ଲୋକ ଓ ୨ଟି ସରକାରୀ ସ୍କୁଲ ହଷ୍ଟେଲର ଅନ୍ତେବାସୀ ନିର୍ଭର କରୁଛନ୍ତି। ଇତିମଧ୍ୟରେ ଗ୍ରାମର ୪ ଜଣ ଝାଡାବାନ୍ତିରେ ସଂକ୍ରମିତ ହୋଇ ଚିକିତ୍ସିତ ହେଉଛନ୍ତି। ଏ ନେଇ ତିର୍କୀ ଶୁକ୍ରବାର ରାଉରକେଲା ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଆଭାସୀ ବୈଠକରେ ଅଭିଯୋଗ କରିଛନ୍ତି। ସେହିପରି ୱାର୍ଡମେମ୍ବର ସୁଖରାମ ଲାକ୍ରା କହିଛନ୍ତି, ପଞ୍ଚାୟତରେ ମୁଖ୍ୟ ଡ୍ରେନ ନିର୍ମାଣ ନ ହେବା ଯୋଗୁ ବର୍ଜ୍ୟଜଳ ସିଧାସଳଖ ନଦୀରେ ମିଶୁଛି। ଏହି ଘାଟରୁ ଝିରପାଣି, ଏନ୍‌ଆଇଟି ରାଉରକେଲା କ୍ୟାମ୍ପସ ଓ ସେକ୍ଟର-୨୦ ବୈକୁଣ୍ଠଘାଟରେ ଆର୍‌ଏସ୍‌ପି ପକ୍ଷରୁ ପାନୀୟ ଜଳ ସଂଗ୍ରହ କରାଯାଉଛି। ତେବେ ନଦୀକୂଳରେ ଥିବା ଜନବସତିର ପ୍ରଦୂଷିତ ଜଳ ସିଧାସଳଖ ମିଶୁଥିଲେ ମଧ୍ୟ କେହି ଏହାର ଉପଚାର କରିବାକୁ ଚେଷ୍ଟା କରୁନାହାନ୍ତି। ଏ ନେଇ ବାରମ୍ବାର ଉଚ୍ଚକର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲେ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏହାଦ୍ୱାରା ନଦୀ ପ୍ରଦୂଷଣ ବୃଦ୍ଧି ସାଙ୍ଗକୁ ଲୋକଙ୍କ ଜୀବନ ବିପନ୍ନ ହେଉଛି ବୋଲି ଲାକ୍ରା କହିଥିଲେ। ଏ ସମ୍ପର୍କରେ ୱାଟକୋ ଆସିଷ୍ଟାଣ୍ଟ ଇଞ୍ଜିନିୟର ଶ୍ରୀଧର ପଟ୍ଟନାୟକଙ୍କୁ ପଚରାଯିବାରୁ ସେ କହିଲେ, ବିଶୋଧନ ପରେ ଜଳଯୋଗାଣ କରାଯାଉଛି। ଜଳବିଶୁଦ୍ଧୀକରଣ ନେଇ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ବ୍ଲକ ଓ ପଞ୍ଚାୟତ ଡ୍ରେନ ସମସ୍ୟାର ସମାଧାନ କରିପାରିବେ। ଏଥିରେ ୱାଟକୋର ଭୂମିକା ନାହିଁ ବୋଲି ପଟ୍ଟନାୟକ କହିଥିଲେ।


ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ଅବସରରେ ଛାତ୍ରଛାତ୍ରୀ ।

# ବିଦ୍ୟାଳୟ ହେଉଛି ବିଦ୍ୟାର୍ଥୀ ଜୀବନର ସଂଗ୍ରହାଳୟ

**ଗୁରୁକୁଳ ଇଂରାଜୀ ସ୍କୁଲର ବାର୍ଷିକୋତ୍ସବ ଉଦ୍‌ଯାପିତ**

ରାଉରକେଲା,୨୩।୧୨(ଦିନେଶ ମିଶ୍ର)

ବାସନ୍ତୀ କଲୋନୀ ସ୍ଥିତ ଗୁରୁକୁଳ ଇଂରାଜୀ ବିଦ୍ୟାଳୟର ୧୪ତମ ବାର୍ଷିକୋତ୍ସବ ପ୍ରଧାନ ଶିକ୍ଷୟିତ୍ରୀ ଗୀତାଶ୍ରୀ ଜେନାଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହି ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଲେ, ବିଦ୍ୟାଳୟ ହେଉଛି ଛାତ୍ର ଜୀବନର ସଂଗ୍ରହାଳୟ। ପ୍ରତିଦିନ ସଂଗ୍ରହାଳୟକୁ ଆସୁଥିବା ଅଭିଭାବକ ଓ ଶିକ୍ଷାର୍ଥୀମାନେ ଯଦି ଅଧିକ ସଚେତନ ହେବେ ଶିକ୍ଷାପଦ୍ଧତିରେ ଉନ୍ନତି ଆସିବ। କାର୍ଯ୍ୟକ୍ରମରେ ଆରଏମ୍‌ସିର ଉପଆୟୁକ୍ତ ଗୌରବମୟ ପ୍ରଧାନ ଓ ଆରଡିଏ ସମ୍ପାଦକ ଚନ୍ଦ୍ରକାନ୍ତ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା, ବିଜ୍ଞାନ ମେଳା, ଅଲ ଇଣ୍ଡିଆ ଡ୍ୟାନ୍ସ ପ୍ରତିଯୋଗିତା ଓ ଦଶମ ଶ୍ରେଣୀରେ ଟପ୍ପର ହୋଇଥିବା ଭଳି ବିଭିନ୍ନ ବର୍ଗରେ ଶହେ ଜଣ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ସ୍ୱାଗତିକା ଜେନା ମଞ୍ଚ ପରିଚାଳନା କରିଥିଲେ। ମାନସ ରଞ୍ଜନ ମହାପାତ୍ର, ଶୁଶାନ୍ତ କୁଣ୍ଡୁ, ମୁକେଶ ପ୍ରଜାପତି, ଚିରଞ୍ଜୀବ ମଲ୍ଲିକ, ସୁବ୍ରତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ସ୍ୱସ୍ତିକା ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

### କୀର୍ତ୍ତନ ମଣ୍ଡପ ନିର୍ମାଣ କାର୍ଯ୍ୟର ଶିଳାନ୍ୟାସ

ବାଲିଶଙ୍କରା,୨୩।୧୨(ହୃଦାନନ୍ଦ ବାରିକ)

ବାଲିଶଙ୍କରା ବ୍ଲକ ତଳସରା ଥାନା ଛକରେ ଥିବା ହନୁମାନ ମନ୍ଦିର ପରିସରରେ ଆମ ଓଡ଼ିଶା ନବୀନ ଓଡ଼ିଶା ଯୋଜନାରେ ନୂତନ ଭାବେ ନିର୍ମାଣ ହେବାକୁ ଥିବା କୀର୍ତ୍ତନ ମଣ୍ଡପର ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସୁନ୍ଦରଗଡ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ ବିନୟ ଟପ୍ପୋ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିଳାନ୍ୟାସ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥିଭାବେ ପଶ୍ଚିମ ଓଡ଼ିଶା ବିକାଶ ପରିଷଦ ବୈଷୟିକ କମିଟି ସଦସ୍ୟ ବୈକୁଣ୍ଠ ନାଏକ ଯୋଗଦେଇ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖି କାର୍ଯ୍ୟକ୍ରମ ଗୁଡ଼ିକୁ ଗ୍ରାମାଞ୍ଚଳରେ ଅଧିକ ପ୍ରଚାର ପ୍ରସାର ପାଇଁ ଆହ୍ୱାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ବିଜୁ ଯୁବ ଜନତା ଦଳର ସଭାପତି ଦେବେନ୍ଦ୍ର ପ୍ରସାଦ ମାଝି, ଜିଲା ପରିଷଦ ସଭ୍ୟ ମନୋଜ ବରୁଆ, ବ୍ଲକ ବିଜେଡି ସଭାପତି କେଶବ ରଣା, କୃଷ୍ଣଚନ୍ଦ୍ର ସାହୁ, ରଞ୍ଜନ ବେସନ, ଅନନ୍ତ ପଟେଲ,ପଦ୍ମଲୋଚନ ଅଜଗର,ରଘୁ ବୀରଗଣ୍ଡିଆ, ଦୀପା ବୀରଗଣ୍ଡିଆ, ଜେନାମଣି କିଷାନ୍, ଲମ୍ବୋଦର ସିଂହ, ଅଜୟ ପାଣିଗ୍ରାହୀ, ଲାଲମନି ଓରାମ, ଦିଲ୍ଲୀପ ସାଏ, ଆଶୋକ ଦେଓ ସମେତ ଅନେକ ଗ୍ରାମବାସୀ ଯୋଗଦେଇଥିଲେ।

# ସଂସ୍କୃତ ଯୁବଶକ୍ତିକୁ ସଂସ୍କୃତିସମ୍ପନ୍ନ କରିଥାଏ

ରାଉରକେଲା,୨୩।୧୨
(ଦିନେଶ ମିଶ୍ର/ଆଲୋକ ସ୍ୱାଇଁ)

ବେଦବ୍ୟାସ ସ୍ଥିତ ଗୁରୁକୂଳ ସଂସ୍କୃତ ମହାବିଦ୍ୟାଳୟ ପରିସରରେ ନୂଆ ଓ ଯୁବ ଓଡିଶା, ନବୀନ ଓଡିଶା କାର୍ଯ୍ୟକ୍ରମର ପୁରସ୍କାର ବିତରଣ ଉତ୍ସବ ଅଧ୍ୟକ୍ଷ ଡକ୍ଟର ଉମାକାନ୍ତ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଶନିବାର ଅନୁଷ୍ଠିତ ହୋଇଛି। ଏହି ଉତ୍ସବରେ ଶ୍ରମ ମନ୍ତ୍ରୀ ସାରଦା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସ୍କୃତ ଯୁବଶକ୍ତିକୁ ସଂସ୍କୃତି ସମ୍ପନ୍ନ କରିଥାଏ ବୋଲି ମୁଖ୍ୟଅତିଥି ନାୟକ ମତପ୍ରକାଶ କରିଥିଲେ। ଯୁବକମାନଙ୍କ ଭିତରେ ଥିବା ଦକ୍ଷତାକୁ ଦେଖି ସେମାନଙ୍କୁ ଏକ ଉଚିତ ପ୍ଲାଟଫର୍ମ ଦେବାର ମୁଖ୍ୟମନ୍ତ୍ରୀଙ୍କ ଏଭଳି ପ୍ରୟାସକୁ ସେ ପ୍ରଶଂସା କରିଥିଲେ। ନୋଡାଲ ଅଫିସର ଅଧ୍ୟାପକ ଚନ୍ଦ୍ରଧ୍ୱଜ ମାଝୀ, ପରମେଶ୍ୱର ଶତପଥୀ, କାଳୀକିଙ୍କର ପଣ୍ଡା, ଜ୍ୟୋତ୍ସ୍ନାରାଣୀ ଦାସ, ଶ୍ୟାମମାଳା ଦାଶ, ରବୀନ୍ଦ୍ର କୁମାର ପୃଷ୍ଟି, ଶରତଚନ୍ଦ୍ର ଦେହୁରୀ, ପ୍ରେମାନନ୍ଦ ମହାପାତ୍ର, ଶିବପ୍ରସାଦ ପାଢୀ, ସମାଜସେବୀ ରମେଶ ଚନ୍ଦ୍ର ଜେନା, ପ୍ରଦୀପ ରାୟ, ସନ୍ତୋଷ ଲେଙ୍କା ପ୍ରମୁଖ ସହଯୋଗ କରିଥିଲେ। ସ୍ୱାମୀ ଅଗ୍ନିବାବା ଉତ୍ସବରେ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏହି ଅବସରରେ ଶାସ୍ତ୍ରୀ ଦ୍ୱିତୀୟ ବର୍ଷର ଛାତ୍ରୀ ସ୍ନିଗ୍ଧା ପୁହାଣଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଡକ୍ଟର ପରମେଶ୍ୱର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଅର୍ବାନ୍ କୋଅପରେଟିଭ ବ୍ୟାଙ୍କର ଗ୍ରାହକ ସମ୍ମିଳନୀ



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ରାଉରକେଲା,୨୩।୧୨(ଦିନେଶ ମିଶ୍ର)

ଉଦିତନଗର ସ୍ଥିତ ରାଉରକେଲା ଅର୍ବାନ କୋଅପରେଟିଭ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟାଳୟରେ ଶନିବାର ଏକ ଗ୍ରାହକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ବ୍ୟାଙ୍କ ମିଡ୍‌ଟାଉନ୍ ଶାଖା ଓ ଉଦିତନଗର ମୁଖ୍ୟ ଶାଖାର ଗ୍ରାହକମାନେ ଯୋଗଦେଇ ବ୍ୟାଙ୍କର ବିଭିନ୍ନ ସେବା ସମ୍ବନ୍ଧୀୟ ପରାମର୍ଶ ନେଇଥିଲେ ଏବଂ ନୂତନ ଡିଜିଟାଲ ସେବା ଆରମ୍ଭ କରିବାକୁ ପ୍ରସ୍ତାବ ଦେଇଥିଲେ। କିଛି ଗ୍ରାହକ କ୍ୟୁଆର୍ କୋଡ୍ ପୈଠ ଘୋଷକ ଯନ୍ତ୍ର ପ୍ରଚଳନ ପାଇଁ ଦାବି କରିଥିଲେ। ସଭ୍ୟ ଓ ଗ୍ରାହକଙ୍କ ବିଭିନ୍ନ ସୁବିଧା ବିଷୟରେ ବ୍ୟାଙ୍କର ଉପଭୋକ୍ତା ବିରଞ୍ଚି ନାରାୟଣ ଦାସ ଆଲୋଚନା କରିଥିଲେ । ୧୯୯୧ରୁ ଆଜି ପର୍ଯ୍ୟନ୍ତ ଗ୍ରାହକ ଭାବେ ଜଡିତ ଥିବା କାମଦେବ ଦାସ ୩୨ ବର୍ଷ ଧରି ବ୍ୟାଙ୍କର ଉତ୍ତମସେବା ପାଇଥିବା କଥା ପ୍ରକାଶ କରିଥିଲେ। ଏହି ସମ୍ମିଳନୀରେ ବ୍ୟାଙ୍କର ସଭାପତି ଦିଲୀପ କୁମାର ମହାପାତ୍ର, ଉପସଭାପତି ସ୍ମିତା ନାୟକ, ନିର୍ଦ୍ଦେଶକ କୃଷ୍ଣ ପଟ୍ଟନାୟକ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ରବୀନ୍ଦ୍ର କୁମାର ମିଶ୍ର, ଶାଖା ପରିଚାଳିକା ମୋନାଲିସା ପଟ୍ଟନାୟକ, ପିୟୁଷ ପ୍ରକାଶ ସାମଲ, ଅରବିନ୍ଦ ସେନାପତି, ସନ୍ତୋଷ ସାହୁ, ବିଜିତ ବିଶ୍ୱାଳ, ବିଜ୍ୟ କୁମାର ବରାଳ ପ୍ରମୁଖ ଉପସ୍ଥିତ ଥିଲେ। ବ୍ୟାଙ୍କ ସଭାପତି ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଖାଲଖମାରେ ଭର୍ତ୍ତି ମୁଖ୍ୟ ରାସ୍ତା

**ପ୍ରଶାସନ ଦୃଷ୍ଟିଦେବାକୁ ଦାବି**

ବୀରମିତ୍ରପୁର,୨୩।୧୨(ସଞ୍ଜୀବ ରାଉତ)

ସୁନ୍ଦରଗଡ଼ ଜିଲା କୁଆଁରମୁଣ୍ଡା ବ୍ଲକ ସଲଙ୍ଗାବାହାଲରୁ ଦଲକି ପଞ୍ଚାୟତ ଯାଏ ରାସ୍ତା ସମ୍ପୂର୍ଣ୍ଣ ଖାଲଖମାରେ ଭର୍ତ୍ତି। ଏହା ମୁଖ୍ୟ ରାସ୍ତା ହୋଇଥିବାରୁ ପ୍ରତ୍ୟେକ ଦିନ ଏହି ରାସ୍ତା ଦେଇ ଶହଶହ ଲୋକ ଯାତାୟତ କରିଥାନ୍ତି। ହେଲେ ଖାଲଖମା ଯୋଗୁ ଲୋକେ ଅସୁବିଧା ଭୋଗୁଛନ୍ତି। ଭାରିଯାନଠାରୁ ଆରମ୍ଭ କରି ଛୋଟ ଗାଡି ମଟର ଏହି ରାସ୍ତା ଦେଇ ଯାତାୟତ କରୁଛି। ହେଲେ ଏଥିପ୍ରତି କାହାରି ଦୃଷ୍ଟି ନାହିଁ। ପ୍ରତ୍ୟେକ ଦିନ ଛୋଟ ବଡ ଦୁର୍ଘଟଣା ମଧ୍ୟ ଏଠାରେ ଘଟୁଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ନଚେତ୍ ରାସ୍ତା ଅବରୋଧ କରିବେ ବୋଲି ଚେତାବନୀ ଦେଇଛନ୍ତି।


ଖାଲଖମାରେ ଭର୍ତ୍ତି ରାସ୍ତା।

# ଆର୍‌ଏମ୍‌ଏସ୍‌ର ପ୍ରତିଷ୍ଠା ଦିବସ ପାଳିତ

ରାଉରକେଲା,୨୩।୧୨(ସଙ୍ଗୀତା ଜେନା)

ରାଉରକେଲା ମଜଦୁର ସଭା (ଆର୍‌ଏମ୍‌ଏସ୍)ର ଶନିବାର ୬୯ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ସହରାଞ୍ଚଳ କାର୍ଯ୍ୟାଳୟରେ ସଭାପତି ଶଶଧର ନାୟକ ସଙ୍ଗଠନର ପତାକା ଉତ୍ତୋଳନ କରିଥିଲେ। ସାଧାରଣ ସମ୍ପାଦକ ଅକ୍ଷୟ ନାୟକ, ଉପଦେଷ୍ଟା ପ୍ରଭାକର ଚମ୍ପତିରାୟ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ବରସୁଆଁ ଲୌହଖଣି ଶାଖା କାର୍ଯ୍ୟାଳୟ ଭାରପ୍ରାପ୍ତ ସମ୍ପାଦକ ରାଜେଶ ବେହେରା ଓ ଅନ୍ୟ କର୍ମକର୍ତ୍ତାଙ୍କ ଉପସ୍ଥିତିରେ ପଦ୍ମଲୋଚନ ପରିଡ଼ା ପତାକା ଉତ୍ତୋଳନ କରିଥିଲେ। ମଜଦୁର ସଭାର ସେକ୍ଟର-୬ କାର୍ଯ୍ୟାଳୟରେ ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଆରଏମ୍‌ଏସ୍ ସମେତ ଇସ୍ପାତ କାରଖାନାର ବିଭିନ୍ନ ବିଭାଗର କାର୍ଯ୍ୟରତ କର୍ମଚାରୀ, ଫେରୋସ୍କ୍ରାପ୍ ନିଗମରେ କାର୍ଯ୍ୟରତ ବହୁ କର୍ମଚାରୀ, ଠିକା କର୍ମଚାରୀ ଉପସ୍ଥିତ ଥିଲେ। ସଭାପତି ନାୟକଙ୍କ ଅଧ୍ୟକ୍ଷତାରେ ବରିଷ୍ଠ ନେତା ପ୍ରଭାକର ଚମ୍ପତିରାୟ, ହରେକୃଷ୍ଣ ପାଢ଼ୀ, ସାଧାରଣ ସମ୍ପାଦକ ଅକ୍ଷୟ ନାୟକ ମଞ୍ଚାସୀନ ଥିଲେ। କ୍ଲଷ୍ଟର ପଦୋନ୍ନତି ବ୍ୟବସ୍ଥା, ସିଲିଂ ବିହୀନ ଗ୍ରାଚ୍ୟୁଇଟି, ଇନ୍‌ସେନଟିଭ୍ ଓ ରିୱାର୍ଡ ସ୍କିମ୍, ବାସଚ୍ୟୁତ ପାଇଁ ଥଇଥାନ ବ୍ୟବସ୍ଥା, ଶିକ୍ଷା, ସ୍ୱାସ୍ଥ୍ୟ ଆଦି ବିଷୟ ଉପରେ ପ୍ରମୁଖ ଭୂମିକା ଗ୍ରହଣ କରାଯାଇଥିଲା ବୋଲି ଆଲୋଚନା ହୋଇଥିଲା। ଆଲୋକ ବୋଷ, ପତିତପାବନ ଜେନା, ସିଦ୍ଧେଶ୍ୱର ବଳ, କଳାକାର ସାହୁ, ପ୍ରମୋଦ ସାମଲ, ନିରଞ୍ଜନ ସାମଲ ପ୍ରମୁଖ ବକ୍ତବ୍ୟ ଦେଇଥିଲେ। ବିଷ୍ଣୁମୋହନ ପ୍ରଧାନ, ପ୍ରଫୁଲ୍ଲ ବେହେରା, ସରୋଜ ରାଉଳ, ରବିନାରାୟଣ ପରିଡ଼ା, ରମେଶ ନାୟକ, ଅଜୟ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଅସିତ୍ ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଅନରୂପ ଭାବେ ଟେନ୍‌ସା ସ୍ଥିତ ବରସୁଆଁ ଲୌହଖଣି କାର୍ଯ୍ୟାଳୟରେ ନରେଶ ନାୟକ, ଶେଖ୍ ସିରାଜୁଦ୍ଦିନ, ନନୀ ଗୋପାଳ ପ୍ରଧାନ, ଭଗବାନ ବେହେରା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

# ‘ହାଏ ମେରା ଦିଲ୍’ ନାଟକ ମଞ୍ଚସ୍ଥ

**ବହୁଭାଷୀ ନାଟକ, ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା**

ରାଉରକେଲା,୨୩।୧୨(ଦିନେଶ ମିଶ୍ର)

ସ୍ପନ୍ଦନ ରାଉରକେଲା ପକ୍ଷରୁ ସେକ୍ଟର-୧୯ ସ୍ଥିତ ସିଭିକ୍ ସେଣ୍ଟରରେ ଆୟୋଜିତ ୩୪ତମ ସର୍ବଭାରତୀୟ ବହୁଭାଷୀ ନାଟକ ଓ ନୃତ୍ୟ ମହୋତ୍ସବର ଚତୁର୍ଥ ସନ୍ଧ୍ୟା ସାଧାରଣ ସମ୍ପାଦକ ପ୍ରଫେସର ସମର ମୁଦାଲିଙ୍କ ସଭାପତିତ୍ୱରେ ଶନିବାର ଅନୁଷ୍ଠିତ ହୋଇଥିଲା। ଏଥିରେ ଡକ୍ଟର କିଶୋରୀ ଦାଶ, ପଞ୍ଚାନନ ପାତ୍ର ଅତିଥି ଭାବେ ଯୋଗଦେଇ ନାଟକ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ପରେ ବମ୍ବେର ଦି ଚକ୍ରବର୍ତ୍ତୀ ଥିଏଟର ଫାଉଣ୍ଡେଶନ ପକ୍ଷରୁ ଶୁଭମ୍ ଚକ୍ରବର୍ତ୍ତୀଙ୍କ ନିର୍ଦ୍ଦେଶନାରେ ହିନ୍ଦୀ ଭାଷାରେ ହାସ୍ୟଭରା ନାଟକ ‘ହାଏ ମେରା ଦିଲ୍’ ପରିବେଷଣ କରାଯାଇଥିଲା। ମନର ଭ୍ରମଧାରଣା ଯୋଗୁ ବେଳେବେଳେ ସମ୍ପର୍କ କିପରି ତିକ୍ତ ହୋଇଯାଏ ତାହା ଉପରେ ଏହି ନାଟକ ପର୍ଯ୍ୟବସିତ ଥିଲା। ନାଟକରେ ମଦନ ନାମରେ ବାସ କରୁଥିବା ବ୍ୟକ୍ତିର ମନରେ ଭ୍ରମଧାରଣା ସୃଷ୍ଟି ହୁଏ ଯେ ସେ ମରିଯିବ। କିନ୍ତୁ ତାର ମୃତ୍ୟୁ ପରେ ସ୍ତ୍ରୀ କିଭଳି କୌଣସି ଅସୁବିଧାର ସମ୍ମୁଖୀନ ନ ହେବ ସେ ନେଇ ସେ ଯଥାସାଧ୍ୟ ଚେଷ୍ଟା କରିଥାଏ। ଏପରିକି ତାର ଖୁସି ପାଇଁ ଅନ୍ୟ ଏକ ସ୍ୱାମୀ ଖୋଜିବାରେ ଲାଗିପଡେ। ଏହା ଦେଖି ସ୍ତ୍ରୀ ଉଷା ତାଙ୍କ ବାପଘରକୁ ଚାଲିଯାଏ। ଶେଷରେ ତାଙ୍କ ସ୍ୱାମୀଙ୍କ ଡାକ୍ତର ବନ୍ଧୁ ମଦନ ଭ୍ରମଧାରଣା ଶିକାର ହୋଇଥିବା ଉପରେ ସବୁକଥା କୁହନ୍ତି। ଏହି କଥା ଜାଣିବା ପରେ ମଦନର ପରିବାର ଲୋକେ ତାଙ୍କୁ ଏହି ଭ୍ରାନ୍ତଧାରଣାରୁ ଉଦ୍ଧାର କରିଥାନ୍ତି। ନାଟକରେ ରିଚା ମିଶ୍ର, ସଞ୍ଜୟ ମହନ୍ତ, ନିଖିଲ ସିଂ, ପ୍ରତ୍ୟକ୍ଷତି ତିୱାରୀ, ଅନମୋଲ ଶର୍ମା, ହିନା ଖାନ, ଯଶୋଦା ପୂଜାରୀ, ଦିଲୱାର ଆନସାରୀ, ଗୁଲସନ ଝା ପ୍ରମୁଖ ଅଭିନୟ କରିଥିଲେ। ଶେଷରେ ସ୍ପନ୍ଦନର ସମ୍ପାଦକ ଡକ୍ଟର ସତ୍ୟ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।


ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ନାଟକର ଏକ ଦୃଶ୍ୟ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଏବିଭିପି ଜିଲା ଶାଖା ବୈଠକ, ସାମ୍ବାଦିକ ଭବନ, ପୂର୍ବାହ୍ନ ୧୦ଟା।
- ବନ୍ଦନା ଆର୍ଟ ଆୟୋଜିତ ଚିତ୍ରକଳା ପ୍ରଦର୍ଶନୀ, ଓଡ଼ିଶା ଲଳିତ କଳା ଏକାଡେମୀର ଆଞ୍ଚଳିକ ଆର୍ଟ ଗ୍ୟାଲେରି, ପୂର୍ବାହ୍ନ ସାଢ଼େ ୧୦ଟା।
- ଯୁବ ଉଦୟନ ଆୟୋଜିତ ରାଜ୍ୟସ୍ତରୀୟ ସମ୍ବଲପୁରୀ ନାଟକ ପ୍ରତିଯୋଗିତା, ସନ୍ଧ୍ୟା ୬ଟା।
- ଫୁଟ୍‌ବଲ ପ୍ରତିଯୋଗିତା, କବରାପାଲି ଖେଳପଡିଆ, ପୂର୍ବାହ୍ନ ୯ଟା।

## ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରୋଧ ସଚେତନତା

**ପଡ଼ିଆବାହାଲ, ୨୩।୧୨ (ରାଧାମୋହନ ଷଡ଼ଙ୍ଗୀ)**

ଯୁଯୁମୁରା ବ୍ଲକ ପଡିଆବାହାଲ ଜୟଦୁର୍ଗା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ବାଲ୍ୟ ବିବାହ, ଶିଶୁ ଶ୍ରମିକ ନିରୋଧ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସାମାଜିକ ଅନୁଷ୍ଠାନ ସିଡି ଓ ଚାଇଲ୍ଡ ଲାଇନ ପକ୍ଷରୁ ଆୟୋଜିତ ସଭାରେ କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ଡା. ରାଜାରାମ ଷଡଙ୍ଗୀ ଯୋଗଦେଇ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମ ସଂଯୋଜକ ସମିର ମହାମଲ୍ଲିକ ଏହାକୁ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଶନ୍ନ ସାହୁ, ରସ୍ମିତା ସାହୁ, ପ୍ରମୋଦ ନାଏକ, ଗ୍ରନ୍ଥାଗାରିକ ତଥା ଯୋଗ ଶିକ୍ଷକ ରାଜାରାମ ନାୟକ ପ୍ରମୁଖ ଉପସ୍ଥିତ ରହି କୈଶୋର ଜୀବନ ଗଠନରେ ନିଜର ଭୂମିକା ନେଇ ଆଲୋକପାତ କରିଥିଲେ।

## ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ- ଓ କାର୍ଯ୍ୟକ୍ରମ

**ସମ୍ବଲପୁର, ୨୩।୧୨ (ବି.ଶଙ୍କର)**

ସମ୍ବଲପୁର ଜିଲା ମାନେଶ୍ୱରସ୍ଥିତ ମାନଧାତା ବାବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶନିବାର ନୂଆ-ଓ କାର୍ଯ୍ୟକ୍ରମ ଉଦ୍‌ଯାପିତ ହୋଇଯାଇଛି। ୧୧ଦିନ ଧରି ନୂଆ-ଓ, ଯୁବ ଓଡ଼ିଶା, ନବୀନ ଓଡ଼ିଶାରେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ଶିକ୍ଷାବିତ୍ ଡ. ନିରୁପମା ବଡପଣ୍ଡା ମୁଖ୍ୟଅତିଥି, ଅବସରପ୍ରାପ୍ତ ଶିକ୍ଷକ ସନ୍ତୋଷ ପ୍ରଧାନ ମୁଖ୍ୟବକ୍ତା ଓ ଜିଲା ପରିଷଦ ସଦସ୍ୟା ସରୋଜା ସେଠ ସମ୍ମାନିତ ଅତିଥି ଭାବରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଇ କୃତୀମାନଙ୍କୁ ପୁରସ୍କୃତ କରାଯାଇଥିଲା। କଲେଜ ଅଧ୍ୟକ୍ଷ ଗଣ୍ଡାରାମ ଘଡିଏଲ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଡ. ସତ୍ୟନାରାୟଣ ଠାକୁର ଧନ୍ୟବାଦ ଅର୍ପଣ କରିଥିଲେ।

## ମୋବାଇଲ ଚୋରି: ଅଭିଯୁକ୍ତ ଗିରଫ

**ସମ୍ବଲପୁର, ୨୩।୧୨ (ପ୍ରମୋଦ ବହିଦାର)**

ଜଣେ ରେଳଯାତ୍ରୀଙ୍କ ମୋବାଇଲ ଫୋନ ଚୋରି କରିଥିବା ଅଭିଯୁକ୍ତଙ୍କୁ ରେଳବାଇ ପୋଲିସ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ଥାନା ସାରୁ ଗ୍ରାମର ଶ୍ରୀକାନ୍ତ ସ୍ୱାଇଁ(୨୪)। ଏ ନେଇ ରେଳବାଇ ଥାନାରେ ପୋଲିସ ମାମଲା (ନଂ.୧୪୦/୨୩) ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନା ଅନୁସାରେ ବେଙ୍ଗାଲୁରୁ ଯିବାପାଇଁ ଟ୍ରେନ୍‌କୁ ଅପେକ୍ଷାରତ ଦେବଗଡ଼ର ଲମ୍ବୋଦର ଦେହୁରି(୨୫) ନାମକ ଯୁବକ ସମ୍ବଲପୁର ରେଳଷ୍ଟେଶନ ପ୍ଲାଟଫର୍ମର ତାଙ୍କ ଭିଭୋ ମୋବାଇଲକୁ ଚାର୍ଜରେ ଲଗାଇଥିଲେ। ସୁଯୋଗ ଦେଖି ଅଭିଯୁକ୍ତ ମୋବାଇଲକୁ ଚୋରି କରି ଫେରାର ମାରିଥିଲେ। ଲମ୍ବୋଦର ଏ ନେଇ ରେଳବାଇ ଥାନାରେ ଏତଲା ଦେଇଥିଲେ।

# ଆସଫ୍‌ଙ୍କ ପରେ ସ୍ୱାମୀ ଆକ୍ରମ ଖାନ୍ ଗିରଫ

## କଂଗ୍ରେସ ନେତ୍ରୀ ନିଖତ ପର୍‌ବିନ୍‌ଙ୍କ ଆତ୍ମହତ୍ୟା ଉଦ୍ୟମ ମାମଲା

**ସମ୍ବଲପୁର, ୨୩।୧୨ (ଭବାନୀ ଶଙ୍କର ଭୋଇ)**

ରାଜ୍ୟ କଂଗ୍ରେସ ସଂଖ୍ୟାଲଘୁ ସେଲର ନେତ୍ରୀ ନିଖତ ପର୍‌ବିନ୍ ଆତ୍ମହତ୍ୟା ଉଦ୍ୟମ ଘଟଣାରେ ସମ୍ବଲପୁର ପୋଲିସ ନିଖତଙ୍କ ସ୍ୱାମୀ ଆକ୍ରମ ଖାନ୍‌ଙ୍କୁ ଶନିବାର ଗିରଫ କରିଛି। ନିଖତଙ୍କ ମାଆ ଅମିନା ପର୍‌ବିନ୍ ଟାଉନ ଥାନାରେ ଗତ ୨୧ ତାରିଖରେ ଦେଇଥିବା ଏତଲା ଆଧାରରେ ପୋଲିସ ଏକ ମାମଲା (ନଂ.୪୫୪/୨୩) ରୁଜୁ କରିଥିଲା। ତଦନ୍ତ ପରେ ପୋଲିସ ଶୁକ୍ରବାର ପୂର୍ବତନ ଜିଲା କଂଗ୍ରେସ ସଭାପତି ଆସଫ୍ ଅଲ୍ଲି ଖାନ୍‌ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିସାରିଛି।

ଅମିନାଙ୍କ ଅଭିଯୋଗକ୍ରମେ ୬ମାସ ପୂର୍ବରୁ କଂଗ୍ରେସର ବରିଷ୍ଠ ନେତାଙ୍କୁ ହନିଟ୍ରାପରେ ଫସାଇବାକୁ ଆସଫ୍ ଝିଅକୁ ବାଧ୍ୟ କରୁଥିଲେ। ଏଥିରେ ସେ ଅରାଜି ହେବାରୁ ତାକୁ ମାନସିକ ନିର୍ଯାତନା ଦେଉଥିଲେ। ନିଖତଙ୍କ ସ୍ୱାମୀ ଓ ପୁଅ ମଧ୍ୟ ଆସଫ୍‌ଙ୍କ ପ୍ରରୋଚନାରେ ପଡି ତାଙ୍କୁ ମାଡ଼ ମାରୁଥିଲେ। ଏହାସହ ଜିଲା କଂଗ୍ରେସର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁତପା ମିତ୍ର, କଂଗ୍ରେସ ନେତ୍ରୀ ସୁରଞ୍ଜିନୀ ବାରିକ ତାଙ୍କ ଚରିତ୍ର ସଂହାର କରି ବାରମ୍ବାର ଅପମାନିତ କରୁଥିବା ଅମିନା ଅଭିଯୋଗରେ ଦର୍ଶାଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ନିଖତଙ୍କ ସ୍ୱାମୀ ଅକ୍ରମଙ୍କୁ ଅଟକ ରଖି ପଚରାଉଚୁରା କରିବା ପରେ ଶନିବାର ସକାଳେ ତାଙ୍କୁ ଗିରଫ କରାଯାଇଥିବା ସଦର ଏସ୍‌ଡିପିଓ ପ୍ରଦୀପ ସାହୁ ସୂଚନା ଦେଇଛନ୍ତି। ତେବେ ନିଖତଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେବା ନେଇ ହୋଇଥିବା ଅଭିଯୋଗ ଉପରେ ଅଧିକ ତଥ୍ୟ ନେବା ପାଇଁ ନିଖତଙ୍କ ଦୁଇଭଉଣୀ ଓ ମାଆ ଅମିନାଙ୍କୁ ପଚରାଉଚୁରା ପାଇଁ ଟାଉନ ଥାନାକୁ ଡକାଯାଇଥିଲା। ଅନେକ ଥର ନିଖତଙ୍କ ସ୍ୱାମୀ ବଡବଜାରସ୍ଥିତ ତାଙ୍କ ଘରକୁ ଆସି ନିଖତଙ୍କୁ ମାଡ ମାରିଥିବା ନେଇ ପରିବାର ସଦସ୍ୟ ଅଭିଯୋଗ କରିଥିଲେ। ଏହାର ସତ୍ୟାସତ୍ୟ ଜାଣିବା ପାଇଁ ପଡୋଶୀ ଓ ତାଙ୍କର ଘରୋଇ ଚାକରଙ୍କୁ ବି ଥାନାକୁ ଡାକି ପୋଲିସ ପଚରାଉଚୁରା କରିଥିଲା। ଅନ୍ୟପକ୍ଷରେ ଆସଫ୍ ଓ ଆକ୍ରମଙ୍କ ମୋବାଇଲ ଫୋନ ପୋଲିସ ଜବତ କରି ଉଭୟଙ୍କ ଭିତରେ ହୋଇଥିବା ବାର୍ତ୍ତାଳାପ ଏବଂ ମେସେଜକୁ ଯାଞ୍ଚ କରିଛି। ହେଲେ ସେଥିରୁ କ'ଣ ସବୁ ତଥ୍ୟ ମିଳିଛି ସେ ବିଷୟରେ ପୋଲିସ କହିବାକୁ ମନା କରିଛି। ମାମଲାରେ ଅନ୍ୟତମ ଅଭିଯୁକ୍ତ ଭାବେ ଦର୍ଶାଯାଇଥିବା ଜିଲା କଂଗ୍ରେସର ମହିଳା ମୋର୍ଚ୍ଚା ସଭାନେତ୍ରୀ ସୁତପା ମିତ୍ର, କଂଗ୍ରେସ ନେତ୍ରୀ ସୁରଞ୍ଜିନୀ ବାରିକ ଓ ନିଖତଙ୍କ ପୁଅର ଘଟଣାରେ ସମ୍ପୃକ୍ତି ନେଇ ଅଧିକ ତଦନ୍ତ ଜାରି ରହିଥିବା ସଦର ଏସ୍‌ଡିପିଓ ସାହୁ କହିଛନ୍ତି। ସେମାନଙ୍କ ସମ୍ପୃକ୍ତି ଜଣାପଡିଲେ ଆଗକୁ ଆଇନ ଅନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ନିଖତଙ୍କ ସଦର ଡାକ୍ତରଖାନରେ ଚିକିତ୍ସା ଚାଲିଥିବା ବେଳେ ତାଙ୍କର ପେଟ ଦରଜ କମୁ ନ ଥିବାରୁ ଅଧିକ ଚିକିତ୍ସା ପାଇଁ ବୁର୍ଲା ଭିମ୍‌ସାରକୁ ସ୍ଥାନାନ୍ତର କରିବାକୁ ଡାକ୍ତର ପରାମର୍ଶ ଦେଇଥିବା ଜଣାପଡିଛି।


ଆକ୍ରମ ଖାନ୍।

# ଦାବି ପୂରଣ ନ ହେଲେ ୨୯ରୁ ଅମଲା ସଂଘର ଆନ୍ଦୋଳନ

**ସମ୍ବଲପୁର, ୨୩।୧୨ (ପ୍ରମୋଦ ବହିଦାର)**

ଆସନ୍ତା ୨୯ ତାରିଖ ସୁଦ୍ଧା ଦାବି ପୂରଣ ନ ହେଲେ ପୁଣି ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ଚେତାବନୀ ଦେଇଛି ଜିଲାସ୍ତରୀୟ ମିଳିତ ଅମଲାମଞ୍ଚ। ଜିଲା ଶିକ୍ଷା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲା ଅଧ୍ୟକ୍ଷ ମାନସ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ରାଜ୍ୟ ଅମଲା ସଂଘ ସଭାପତି ଓ ମିଳିତ ଅମଲାମଞ୍ଚ କୋର କମିଟି ସଦସ୍ୟ ଜ୍ଞାନରଞ୍ଜନ ଦାସ ମଞ୍ଚର ଦାବି ବର୍ତ୍ତମାନ ସରକାରଙ୍କ ବିଚାରାଧିନ ରହିଛି। ଯେହେତୁ ୫-ଟି ଅଧ୍ୟକ୍ଷ ଏଥିରେ ସ୍ୱତନ୍ତ୍ର ଭାବେ ହସ୍ତକ୍ଷେପ କରିଛନ୍ତି, ତେଣୁ ଦାବି ଯଥାଶୀଘ୍ର ପୂରଣ ହେବା ନେଇ ଆଶା ସଞ୍ଚାର ହୋଇଛି ବୋଲି କହିଥିଲେ। ସୂଚନାଯୋଗ୍ୟ, ଗତ ୧୯ ତାରିଖରେ ମିଳିତ ଅମଲା ମଞ୍ଚ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟରେ ବିକ୍ଷୋଭ ପ୍ରଦର୍ଶନ ସହ ଜିଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦିଆଯାଇଥିଲା। ଏଥିରେ ସେମାନେ ଡିସେମ୍ବର ୨୦ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ କଲମଛାଡ଼ ଆନ୍ଦୋଳନ କରିବେ ବୋଲି ଚେତବନୀ ଦେଇଥିଲେ। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ୧୦ଦିନ ସମୟ ଦେବାକୁ ନିବେଦନ କରାଯାଇ ୨ ତାରିଖରେ ଭୁବନେଶ୍ୱରରେ ଆଲୋଚନା ପାଇଁ ଆମନ୍ତ୍ରଣ କରାଯାଇଥିଲା। ତେଣୁ ଆନ୍ଦୋଳନକୁ ସାମୟିକ ସମୟ ପାଇଁ ସ୍ଥଗିତ ରଖାଯାଇଥିଲା। ମାତ୍ର ୧୦ ଦିନର ସମୟକୁ ପ୍ରତ୍ୟାଖ୍ୟାନ କରି ଅମଲା ସଂଘ ପକ୍ଷରୁ ସରକାରଙ୍କୁ ଦାବି ପୂରଣ ପାଇଁ ଡିସେମ୍ବର ୨୯ ତାରିଖ ପର୍ଯ୍ୟନ୍ତ ସମୟ ଦିଆଯାଇଛି। ନଚେତ ଆନ୍ଦୋଳନକୁ ଓହ୍ଲାଇବାକୁ ଚେତବନୀ ଦିଆଯାଇଥିବା ପ୍ରକାଶ।

# ପିଣ୍ଡିକୁ ସ୍ଥାନାନ୍ତର ହେଲା ପରିବା ହାଟ


ପିଣ୍ଡିରେ ବସି ପରିବା ବିକ୍ରି କରୁଛନ୍ତି ଚାଷୀ।

**ସମ୍ବଲପୁର, ୨୩।୧୨ (ପ୍ରମୋଦ ବହିଦାର)**

**ଧରିତ୍ରୀ ପ୍ରଭାବ**

ସମ୍ବଲପୁର ସହରର ବ୍ୟସ୍ତ ବହୁଳ ରାଜରାସ୍ତା ଉପରେ ବସି ପରିବା ବିକ୍ରୟ କରୁଥିବା ଚାଷୀଙ୍କୁ ପିଏଚ୍‌ଡି ପଡ଼ିଆ ସଂଲଗ୍ନ ପିଣ୍ଡିକୁ ସ୍ଥାନାନ୍ତର କରାଯାଇଛି। ଫଳରେ ଏହି ବିର୍ସାମୁଣ୍ଡାରୁ ସହରକୁ ପ୍ରବେଶ କରୁଥିବା ବ୍ୟସ୍ତ ବହୁଳ ରାସ୍ତା ଟ୍ରାଫିକ ସମସ୍ୟାରୁ ମୁକ୍ତ ହୋଇଛି। ଏହାକୁ ନେଇ ଧରିତ୍ରୀରେ 'ରାସ୍ତା ଉପରେ ପରିବା ବଜାର: ବିପଦକୁ ନିମନ୍ତ୍ରଣ କରୁଛନ୍ତି ଚାଷୀ' ଶୀର୍ଷକ ଖବର ପ୍ରକାଶିତ ହୋଇଥିଲା। ଏଥିରେ ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ ପରିବା ହାଟ ଖୁବ୍‌ଶୀଘ୍ର ସ୍ଥାନାନ୍ତର କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିବା ଉଲ୍ଲେଖ ଥିଲା। ତେବେ ତାଙ୍କ ପ୍ରତିଶ୍ରୁତି ଅନୁସାରେ ଅଇଁଠାପାଲି ବିର୍ସାମୁଣ୍ଡା ଛକ ରାଜରାସ୍ତା ଉପରେ ବସୁଥିବା ପରିବା ହାଟ ସ୍ଥାନାନ୍ତର ହୋଇଛି। ହେଲେ ରାସ୍ତା ପାର୍ଶ୍ୱରେ ଥିବା ଗଛତଳେ ସେମାନେ ବର୍ଷା କିମ୍ବା ଖରାରୁ ନିଜକୁ ରକ୍ଷା କରିପାରୁଥିବାବେଳେ ଏଠାରେ ଛାତ ନ ଥିବାରୁ ପରିବା ବିକାଳି ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ଏ ନେଇ ମହାନଗର ନିଗମ କମିଶନର ବେଦଭୂଷଣ କହିଛନ୍ତି, ପରିବା ବିକାଳି ବା ଚାଷୀମାନେ ପିଣ୍ଡିରେ ବସୁ ନ ଥିବାରୁ କୌଣସି ବ୍ୟବସ୍ଥା କରାଯାଇ ନ ଥିଲା। ବର୍ତ୍ତମାନ ଚାଷୀମାନେ ଏଠାରେ ବସିବା ଆରମ୍ଭ କରିଛନ୍ତି। ଆଗକୁ ସେମାନଙ୍କ ପାଇଁ ଛାତ ନିର୍ମାଣ କରାଯାଇ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ମଧ୍ୟ କରାଯିବ। ସେହିପରି ବର୍ତ୍ତମାନ ରାସ୍ତା ପାର୍ଶ୍ୱରେ ଫୁଲଚାରା ଓ ଗଦି ତକିଆ ବେପାର ଅବ୍ୟାହତ ରଖିଥିବା ବ୍ୟବସାୟୀଙ୍କୁ ମଧ୍ୟ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯାଇ ଅନ୍ୟତ୍ର ଥଇଥାନ କରାଯିବ ବୋଲି ସେ କହିଛନ୍ତି।

## କେଭି- ୧ରେ ନୂତନ ଅଧ୍ୟକ୍ଷଙ୍କ ଯୋଗଦାନ

**ସମ୍ବଲପୁର, ୨୩।୧୨ (ବି. ଶଙ୍କର)**

ସମ୍ବଲପୁର ପିଏମ୍‌ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ ନମ୍ବର-୧ର ନୂତନ ଅଧ୍ୟକ୍ଷ ଭାବେ ରଣରଞ୍ଜୟ ସିଂ ଶନିବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, କର୍ମଚାରୀଙ୍କ ସମେତ ଅଭିଭାବକ ସଂଘ କର୍ମକର୍ତ୍ତା ତାଙ୍କୁ ସ୍ୱାଗତ କରିଥିଲେ। ସଂଘ ସଭାପତି ସରୋଜ ଦେଓ, ସରୋଜ କୁମାର ସାହୁ, ଦୁଲାଲ ଚନ୍ଦ୍ର ରାୟ, ସୁଶାନ୍ତ ମହାପାତ୍ର, ମୁନ୍‌ମୁନ୍ ମାଝି, ଶ୍ରୀମନ୍ତ ପଣ୍ଡା ପ୍ରମୁଖ ସାମିଲ ଥିଲେ। ଉତ୍ତର ପ୍ରଦେଶ ବନାରସ ସହରରେ ଜନ୍ମିତ ରଣରଞ୍ଜୟ ପୂର୍ବରୁ ଆସାମ, ତେଲଙ୍ଗାନା ପ୍ରଭୃତି ରାଜ୍ୟରେ ଶିକ୍ଷକ ଭାବେ କାର୍ଯ୍ୟ ନିର୍ବାହ କରିଥିଲେ। ଛାତ୍ରୀଛାତ୍ରଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ପାଇଁ ବଦ୍ଧପରିକର ବୋଲି ଅଭିଭାବକ ସଂଘ ସହ ଆଲୋଚନା ସମୟରେ ରଣରଞ୍ଜୟ ପ୍ରକାଶ କରିଛନ୍ତି।

## ଅନ୍ତର୍ନିହିତ ପ୍ରତିଭା ବିକାଶର ଅନନ୍ୟ ସୁଯୋଗ ନୂଆ-ଓ


ଅତିଥିଙ୍କ ସହ କୃତୀ ପ୍ରତିଯୋଗୀମାନେ।

**ସମ୍ବଲପୁର, ୨୩।୧୨ (ପ୍ରମୋଦ ବହିଦାର)**

ନୂଆ-ଓ କାର୍ଯ୍ୟକ୍ରମରେ ଜିଲାସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଛି। ସମ୍ବଲପୁରର ବିଭିନ୍ନ ପଡ଼ିଆରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ସମ୍ବଲପୁର ଅତିରିକ୍ତ ଜିଲାପାଳ (ସାଧାରଣ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ (ରାଜସ୍ୱ) ପ୍ରଦୀପ କୁମାର ସାହୁ ଓ ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ଗୁନୁ ମେହେର ଅତିଥିରୂପେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୁବପିଢ଼ୀଙ୍କ ଅନ୍ତର୍ନିହିତ ପ୍ରତିଭା ବିକାଶ ପାଇଁ ନୂଆ-ଓ ଏକ ଅନନ୍ୟ ସୁଯୋଗ ବୋଲି ଅତିଥିମାନେ କହିଥିଲେ। ଜିଲାର ୧୮ରୁ ୩୫ ବର୍ଷର ଯୁବପିଢ଼ୀଙ୍କୁ ନେଇ ସମ୍ବଲପୁରର ବିଭିନ୍ନ ପଡ଼ିଆରେ ଶୁକ୍ରବାର ଖୋଖୋ, କବାଡି, ଭଲିବଲ୍, ହକି, କ୍ରିକେଟ୍, ଫୁଟ୍‌ବଲ ଆଦି ପ୍ରତିଯୋଗିତା ହୋଇଥିଲା। ଚାମ୍ପିୟନକୁ ୫୦ ହଜାର, ପ୍ରଥମ ରନର୍ସଅପକୁ ୩୦ ହଜାର ଓ ଦ୍ୱିତୀୟ ଓ ତୃତୀୟ ରନର୍ସଅପକୁ ୨୦ ହଜାର ଲେଖାଏ ପରୁସ୍କାର ରାଶି ପ୍ରଦାନ କରାଯାଇଛି।

## ଜିଏମ୍‌ୟୁ ପଦାର୍ଥ ବିଜ୍ଞାନ ବିଭାଗରେ ଜାତୀୟ ଆଲୋଚନାଚକ୍ର

**ସମ୍ବଲପୁର, ୨୩।୧୨ (ବି. ଶଙ୍କର)**

ସମ୍ବଲପୁର ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ପଦାର୍ଥ ବିଜ୍ଞାନ ବିଭାଗ ପକ୍ଷରୁ ଅମୃତବିହାରସ୍ଥିତ ଡାକ୍ତର ନାରାୟଣୀ ଗବେଷଣା କେନ୍ଦ୍ରଠାରେ ଏକଦିବସୀୟ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଏନ୍. ନାଗାରାଜୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ତଥା ପଦାର୍ଥ ବିଜ୍ଞାନ ବିଭାଗୀୟ ମୁଖ୍ୟ ପ୍ରଫେସର ଡ. ସୁଶାନ୍ତ କୁମାର ଦାସ ସ୍ୱାଗତ ଭାଷଣ ଦେଇଥିଲେ। ଦିଲ୍ଲୀସ୍ଥିତ ପାନ୍‌ସିଆନ ଆଇପି ସେବାର ପ୍ରତିଷ୍ଠାତା ସମ୍ପ୍ରୀତି ବେଶାନ୍ତ ମୁଖ୍ୟବକ୍ତା ଭାବେ ଯୋଗଦେଇଥିଲେ। ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଅନନ୍ତ ପ୍ରସାଦ ଚକ୍ରବର୍ତ୍ତୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ସ୍ନାତକ ଓ ସ୍ନାତକୋତ୍ତର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ଶେଷରେ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ଡ. ଯଶୋବନ୍ତ ଶେଖର ହାଁସ୍‌ଦା ଧନ୍ୟବାଦ ଦେଇଥିଲେ।

# ଓଷ୍ଟା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ

**ସମ୍ବଲପୁର, ୨୩।୧୨ (ବି.ଶଙ୍କର)**

ଓଡ଼ିଶା ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘ (ଓଷ୍ଟା) ସମ୍ବଲପୁର ଶାଖା ପକ୍ଷରୁ ଜିଲାସ୍ତରୀୟ ଶିଶୁ ଉତ୍ସବ ଶନିବାର ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ସଭାକକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ସଭାପତି କୁଳଧର ପ୍ରଧାନଙ୍କ ସଭାପତିତ୍ୱରେ ଉତ୍ସବ ହୋଇଥିଲା। ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ ମୁଖ୍ୟଅତିଥି, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର ମୁଖ୍ୟବକ୍ତା ଓ ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁମିତା ପତ୍ରୀ ସମ୍ମାନିତ ଅତିଥି ଥିଲେ। ଓଷ୍ଟା ଜିଲା ସମ୍ପାଦକ ହରି ନାରାୟଣ ପଣ୍ଡା କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ଡ.ପର୍ଶୁରାମ ମିଶ୍ର ଅଗ୍ରଗାମୀ ପ୍ରଶିକ୍ଷଣ ପ୍ରତିଷ୍ଠାନର ପ୍ରାକ୍ତନ ଅଧ୍ୟକ୍ଷ ଡ. ମୀନକେତନ ପାଠୀ ମୁଖ୍ୟ ଅତିଥି ଓ ଓଷ୍ଟା ସମ୍ବଲପୁର ଶାଖାର ପୂର୍ବତନ ସଭାପତି ଗଗନ ବିହାରୀ ସ୍ୱାଇଁ ସମ୍ମାନିତ ଅତିଥି ଥିଲେ। ଯୁଗ୍ମ ସମ୍ପାଦକ ବିଭୁତି ଭୁଷଣ ଚାନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଭାଗରେ ୧୦ କୃତୀ ଛାତ୍ରୀଛାତ୍ର ଆସନ୍ତା ୨୫ ତାରିଖରେ କଟକଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଶିଶୁ ଉତ୍ସବରେ ଭାଗ ନେବାକୁ ମନୋନୀତ ହୋଇଛନ୍ତି। ସୂଚନାଯୋଗ୍ୟ, ତର୍କ, କଣ୍ଠ ସଂଗୀତ, ଏକକ ଅଭିନୟ ଭଳି ଦଶଟି ବଭାଗରେ ବ୍ଲକସ୍ତରରୁ ପ୍ରଥମ ଓ ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀଙ୍କୁ ନେଇ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।


ଶିଶୁ ଉତ୍ସବରେ ଅତିଥିଙ୍କ ସହ କୃତୀ ଛାତ୍ରୀଛାତ୍ରମାନେ।

## ବାଲ୍ୟବିବାହ, ନାରୀଶିକ୍ଷା ସଚେତନତା ଶିବିର


ଛାତ୍ରୀଛାତ୍ରଙ୍କ ସଚେତନତା ଶୋଭାଯାତ୍ରା।

**କୁଚିଣ୍ଡା, ୨୩।୧୨ (ବିରଞ୍ଚି ଦର୍ଜୀ)**

କୁଚିଣ୍ଡା ବ୍ଲକ କୁନ୍ତରା ଗୋକୁଳ ପାର୍ବତୀ ଗ୍ରାମ୍ୟ ମହାବିଦ୍ୟାଳୟରେ ନୂଆ-ଓ କାର୍ଯ୍ୟକ୍ରମରେ ବାଲ୍ୟବିବାହ ନିରାକରଣ ଓ ନାରୀଶିକ୍ଷା ଉପରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । କଲେଜ ଅଧ୍ୟକ୍ଷ ଦୁର୍ଯ୍ୟୋଧନ ମେହେରଙ୍କ ସଭାପତିତ୍ୱରେ ହୋଇଥିବା ସଭାରେ କୁନ୍ତରା ମନୋହର ହାଇସ୍କୁଲର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରଭାକର ପଟେଲ ମୁଖ୍ୟଅତିଥି, କଲେଜ ପରିଚାଳନା କମିଟି ସଦସ୍ୟ ଅଯୋଧ୍ୟା ପଟେଲ ଯୋଗ ଦେଇ ବାଲ୍ୟବିବାହ ନିରାକରଣ ଏବଂ ନାରୀଶିକ୍ଷା ଦ୍ୱାରା ସମାଜର ପ୍ରଗତି ଉପରେ ଆଲୋଚନା କରି ସମସ୍ତେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ କୁନ୍ତରା ପଞ୍ଚାୟତର ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀମାନେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ। ସମସ୍ତ ଛାତ୍ରୀଛାତ୍ର, ଅଧ୍ୟାପିକା ଅଧ୍ୟାପକଙ୍କ ସମେତ କୁନ୍ତରା ପ୍ରାଥମିକ ବିଦ୍ୟାଳୟର ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏକ ସଚେତନତା ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ବାର୍ଷିକୋତ୍ସବ

**ରେଙ୍ଗାଲି, ୨୩।୧୨ (ଦେବବ୍ରତ ପଣ୍ଡା)**

ସମ୍ବଲପୁର ଜିଲା ରେଙ୍ଗାଲି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ନବମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଡ. ଶ୍ୟାମସୁନ୍ଦର ଧର ମୁଖ୍ୟବକ୍ତା ଓ ଜେଏସ୍‌ଡବ୍ଲ୍ୟୁ ଉପସଭାପତି ସର୍ବାନନ୍ଦ ସିଂ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ସରୋଜ ବିଶୋଇ ମଞ୍ଚ ପରିଚାଳନା, ସଭାପତି ରାଜୀବ ମିଶ୍ର ସ୍ୱାଗତ ଅଭିଭାଷଣ ଓ ପ୍ରଧାନ ଆଚାର୍ଯ୍ୟ ଦୀପ୍ତିରଞ୍ଜନ ପୋଥାଲ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଶିଶୁଙ୍କ ମା'ମାନଙ୍କୁ ନେଇ ରଙ୍ଗୋଲି ପ୍ରତିଯୋଗିତା ହୋଇଥିଲା। ବିଚାରକ ଭାବେ ଅନୀତା ବେହେରା, ଭାରତୀ ଭରଦ୍ୱାଜ, ଅମ୍ବିକା ଦାସ ଯୋଗଦାନ କରିଥିଲେ। କ୍ରୀଡ଼ାରେ ଶ୍ରେଷ୍ଠ ସ୍ଥାନ ଅଧିକାର କରିଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ନୃତ୍ୟ ଓ ଗୀତ ଗୁରୁ ଉତ୍ତମ ପ୍ରଧାନ, ସୁନୀଲ ସାହୁ, କେଦାର ଉର୍ମାଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶେଷରେ ଭଗବାନ ଗୁରୁଜୀ ଧନ୍ୟବାଦ ଅର୍ପଣ କରିଥିଲେ।


ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି।

# ଜୈବିକ ଚାଷର ପ୍ରସାର ଜାତୀୟ କୃଷକ ଦିବସର ଆହ୍ୱାନ

**ସମ୍ବଲପୁର, ୨୩।୧୨ (ଭବାନୀ ଶଙ୍କର ଭୋଇ)**

ସବୁଜ ସନାତନପାଲି କୃଷକ ଉତ୍ପାଦକ ସଂଘ ପକ୍ଷରୁ ସନାତନ ପାଲିଠାରେ ଶନିବାର ଜାତୀୟ କୃଷକ ଦିବସ ପାଳିତ ହୋଇଯାଇଛି। ରାସାୟନିକ ଚାଷ ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛି। ଆଗାମୀ ଦିନରେ ଜୈବିକ କୃଷି ଆପଣେଇବା ପାଇଁ ଜୈବିକ କୃଷି ବିଶେଷଜ୍ଞ କୈବଲ୍ୟ ପ୍ରଧାନ ଚାଷୀମାନଙ୍କୁ ଆହ୍ୱାନ ଦେଇଥିଲେ। ରାସାୟନିକ ଚାଷ ଯୋଗୁ ମୃତ୍ତିକାର ଉତ୍ପାଦନ କ୍ଷମତା ନଷ୍ଟ ହୋଇଚାଲିଛି। ଏହା ସତ୍ତ୍ୱେ ଚାଷୀ ରାସାୟନିକ ସାର ଓ ଔଷଧ ବ୍ୟବହାର କରିବାକୁ ବାଧ୍ୟ ହେଉଥିବା ନେଇ ଅନ୍ୟତମ ଜୈବିକ କୃଷି ବିଶେଷଜ୍ଞ ସନ୍ତୋଷ ଧରୁଆ ମତ ଦେଇଥିଲେ। ଉଭୟେ ବିଗତ ଅନେକବର୍ଷ ହେବ ଜୈବିକ ପଦ୍ଧତିରେ ଚାଷ କରି ବେଶ ଲାଭବାନ ହୋଇଥିବା ମତ ଦେଇ ଅନ୍ୟ ଚାଷୀ ମଧ୍ୟ ଏହାଦ୍ୱାରା ଲାଭବାନ ହୋଇପାରିବେ ବୋଲି କହିଥିଲେ। ସବୁଜ ସନାତନ ପାଲି କୃଷକ ଉତ୍ପାଦକ ସଂଘ ଗଠନ ହେବା ଦିନଠାରୁ ଚାଷୀମାନଙ୍କ ବିଭିନ୍ନ ସମସ୍ୟା ସମାଧାନ ହୋଇପାରିଥିବା ନେଇ ମୁଖ୍ୟଅତିଥି ଘେନୁପାଲି ସରପଞ୍ଚ ଜଗଦୀଶ ମିର୍ଦ୍ଧା କହିଥିଲେ। କୃଷକ ଉତ୍ପାଦକ ସଂଘର ପରିଚାଳନା ନିର୍ଦ୍ଦେଶକ ମନବୋଧ ବାରିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି ଅବସରରେ ଫୁଲ ଚାଷ ପାଇଁ ସନାତନପାଲିର ଚାଷୀ ନିରାକାର ପ୍ରଧାନ, ପନିପରିବା ଚାଷ ପାଇଁ ଠାକୁରମାଳ ଗାଁର ଶଙ୍ଖଜିନି ପ୍ରଧାନ, ଫଳ ଚାଷ ପାଇଁ ବଡସାହିରର କୈଳାସ ପଧାନ, ମତ୍ସ୍ୟଚାଷ ପାଇଁ ପଦ୍ମନାଭ ସାହୁ ଏବଂ ଛତୁଚାଷ ପାଇଁ ମହିଳା ଚାଷୀ ରୀନା ପ୍ରଧାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭୁବନେଶ୍ୱରରେ ଓୟୁଏଟି କୃଷି ଶିକ୍ଷା ମେଳା ୨୦୨୩ରେ କୃଷି ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ଦ୍ୱାରା ସମ୍ବର୍ଦ୍ଧିତ ହୋଇଥିବା ଯୁଯୁମୁରା ବ୍ଲକ ଠାକୁରମାଲ ଗାଁର ମା' ଶୁଭଲକ୍ଷ୍ମୀ ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କୁ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ୨୦୦ରୁ ଉର୍ଦ୍ଧ୍ୱ ଚାଷୀ ଓ ଏସ୍‌ଏଚ୍‌ଜି ସଦସ୍ୟା ସାମିଲ ହୋଇଥିଲେ।


କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

